

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୪ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 14 MAY 2023
Vol.No. 34 ■ No. 126 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଆଉ ଦୁଇ ବିଭାଗ

### ସମ୍ଭାଳିବେ ଶ୍ରମ ସହ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରାଳୟ



ଭୁବନେଶ୍ୱର, ୧୩/୦୫ (ନି.ପ୍ର): ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଶ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଦାୟିତ୍ୱ ସମ୍ଭାଳିବେ । ଶୁକ୍ରବାର ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ ଦୁଇ ରାଷ୍ଟ୍ରମନ୍ତ୍ରୀ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ସମୀର ରଞ୍ଜନ ଦାଶ । ସେହିପରି ଶ୍ରମ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ବିଧାୟକ ଶ୍ରୀକାନ୍ତ ସାହୁ । ଉଲ୍ଲେଖଯୋଗ୍ୟ ଯେ, ଦୁଇ ମନ୍ତ୍ରୀ କିଛି ଦିନ ଧରି ବିବାଦରେ ଛନ୍ଦି ହୋଇଥିଲେ । ଉଲ୍ଲେଖଯୋଗ୍ୟ, ଶୁକ୍ରବାର ବାଚସ୍ପତି ପଦରୁ ବିକ୍ରମ କେଶରୀ ଆରୁଖ, ଗଣଶିକ୍ଷା ମନ୍ତ୍ରୀ ପଦରୁ ସମୀର ଦାଶ ଏବଂ ଶ୍ରମ ମନ୍ତ୍ରୀ ପଦରୁ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇଥିଲେ । ସମୀର ଦାଶ ନିମାପଡ଼ାରୁ ବିଧାୟକ ଥିବା ବେଳେ ପୋଲସାରରୁ ବିଧାୟକ ଅଛନ୍ତି ଶ୍ରୀକାନ୍ତ ସାହୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ଉଭୟେ ନିଜ ଇସ୍ତଫା ପଠାଇଥିଲେ । ପ୍ରଥମେ ବିକ୍ରମ କେଶରୀ ଆରୁଖ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ । ଶୁକ୍ରବାର ସଂଧ୍ୟାରେ ସାମ୍ବାଦିକ ସମ୍ମିଳନୀ କରି ନିଜ ଇସ୍ତଫା ନେଇ ଘୋଷଣା କରିଥିଲେ । ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଇଥିବା ସେ କହିଥିଲେ ।

# କର୍ଣ୍ଣାଟକରେ ଉଠିଲା ହାତ: ଝାଉଁଳିଲା ପଦ୍ମ



**କଂଗ୍ରେସ: ୧୩୬ ॥ ବିଜେପି: ୬୫ ॥ ଜେଡିଏସ୍ ୨୦**

କର୍ଣ୍ଣାଟକ, ୧୩/୦୫ : କର୍ଣ୍ଣାଟକରେ କଂଗ୍ରେସର ବିଜୟ ପୂରା ଦଳ ଭିତରେ ଭରି ଦେଇଛି ସଞ୍ଜିବନୀ । ବେଙ୍ଗାଲୁରୁରୁ ଦିଲ୍ଲୀ ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡିଛନ୍ତି ଦଳୀୟ ନେତାଠାରୁ କର୍ମୀ । ନୂଆ ଉତ୍ସାହ ଓ ଉଦ୍ଦୀପନା ଭରି ଯାଇଛି କଂଗ୍ରେସ ଶିବିରରେ । ଏହି ବିପୁଳ ବିଜୟ ପରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ କହିଛନ୍ତି, 'ଘୃଣାର ବଜାର ବନ୍ଦ ହେଲା, ଖୋଲିଲା ଭଲ ପାଇବାର ଦୋକାନ ।' କର୍ଣ୍ଣାଟକରେ କଂଗ୍ରେସର ପଲ୍ଲା ଭାରି ଥିବା ସମସ୍ତଙ୍କୁ ଜଣାଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଠାରୁ ଆରମ୍ଭ କରି ଅମିତ ଶାହାଙ୍କ ପର୍ଯ୍ୟନ୍ତ ନିର୍ବାଚନ ପ୍ରଚାରରେ ଜୋର ଲଗାଇ ଦେଇଥିଲେ । ବଡ଼ ବଡ଼ ରାଲି, ବିଶାଳ ଶୋଭାଯାତ୍ରା କରି ଜନମତକୁ ବଦଳାଇବା ପାଇଁ ଜୋରଦାର ଉଦ୍ୟମ କରିଥିଲା ବିଜେପି । କିନ୍ତୁ କର୍ଣ୍ଣାଟକବାସୀ ସରକାର ବଦଳାଇବା ପାଇଁ ମନ ସ୍ଥିର କରି ସାରିଥିଲେ । ଏକଜିଟ୍ ପୋଲ ମଧ କଂଗ୍ରେସର ବିଜୟ ନେଇ ସଙ୍କେତ ଦେଇଥିଲା । କିନ୍ତୁ ଦଳ ଯେ ପାଖାପାଖି ଦୁଇ-ତୃତୀୟାଂଶ ଆସନରେ ବିଜୟୀ ହେବ, ତାହା ଅନେକ ଆକଳନ କରି ପାରିନଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବ୍ୟକ୍ତିତ୍ୱ ଏବଂ କର୍ଣ୍ଣାଟକ ପିସିସି ସଭାପତି ଡି.କେ ଶିବକୁମାରଙ୍କ ଗୋଟି ଚାଳନା ଆଗରେ ବହୁ ପଛରେ ପଡିଗଲା ବିଜେପି । ତେବେ ବିଜେପିର ବଡ଼ ପରାଜୟ ପରେ, ଏଥିପାଇଁ ନିଜକୁ ଦାୟୀ କରିଛନ୍ତି ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ।କେବଳ ଅଧିକ ସିଟ୍ ପାଇନି କଂଗ୍ରେସ । ଭୋଟ ପ୍ରତିଶତ ମଧ ବଢ଼ିଯାଇଛି । ଦୁଇ ଦଶନ୍ଧୀ ପରେ ପ୍ରଥମ ଥର ପାଇଁ ୪୩ ପ୍ରତିଶତରୁ ଅଧିକ ଭୋଟ ପାଇଛି ଦଳ । ଗତ ନିର୍ବାଚନ ଠାରୁ ବିଜେପିର ଭୋଟ ପ୍ରତିଶତ କମିଯାଇଛି । ସବୁଠୁ ବଡ଼ କ୍ଷତି ଘଟିଛି ଜେଡିଏସର । ୫ ପ୍ରତିଶତ ଭୋଟ ହରାଇଛି ଏଚଡି କୁମାରସ୍ୱାମୀଙ୍କ ଦଳ ।

## ୧୨ ହଜାର କୋଟି ଟଙ୍କାର ବ୍ରାଉନସୁଗାର ଜବତ

ନୂଆଦିଲ୍ଲୀ, ୧୩/୦୫ (ନି.ପ୍ର): ହଜାର ହଜାର କୋଟି ଟଙ୍କାର ବ୍ରାଉନସୁଗାର ଜବତ । ଜଣେ ପାକିସ୍ତାନ ନାଗରିକ ଅଟକ । କେରଳ ଉପକୂଳରୁ ଏକ ମଲାବାହୀ ଜାହାଜରୁ ୨୫୦୦ କେଜିର ମେଥାମଫେଟାମାଇନ ଜବତ ହୋଇଛି । ନୌସେନା ଓ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍ସିବି) ମିଳିତ ଅପରେସନ୍ରେ ଏତେମାତ୍ରାରେ ଡ୍ରଗ୍ସ ଜବତ କରାଯିବା ସହ ପାକିସ୍ତାନ ନାଗରିକଙ୍କୁ ଅଟକ ରଖାଯାଇଛି । ଏନ୍ ?ସିବିର ସୂଚନା ଅନୁସାରେ, ସମୁଦ୍ର ପଥରେ ଆଫଗାନିସ୍ତାନରୁ ଆସୁଥିବା ଡ୍ରଗ୍ସକୁ ଧରିବାକୁ 'ଅପରେସନ ସମୁଦ୍ରଗୁପ୍ତ' ଆରମ୍ଭ କରାଯାଇଥିଲା । ଗତ ଦେଢ଼ ବର୍ଷରେ ଦକ୍ଷିଣାଞ୍ଚଳ ଜଳପଥରେ ଏତେ ମାତ୍ରାରେ ଡ୍ରଗ୍ସ ସିଜ୍ ହେବା ଦେଶରେ ତୃତୀୟ ଘଟଣା ବୋଲି ଏନ୍ସିବି କହିଛି ।

## ଆଜିଠୁ ବଦଳିବ ପାଗ

## ଆସନ୍ତା ୧୫ରୁ କଲବଲ କରିବ ହିଟ୍ ୱେଭ୍ ପ୍ରଭାବ



ଭୁବନେଶ୍ୱର, ୧୩/୦୫ (ନି.ପ୍ର): ବାଂଲାଦେଶ ମିଆଁମାର୍ ମୁହାଁ ଅତି ଭୀଷଣ ସାମୁଦ୍ରିକ ବାତ୍ୟା 'ମୋକା' । ରବିବାର ଦକ୍ଷିଣ ପୂର୍ବ ବାଂଲାଦେଶ ଓ ମିଆଁମାର୍ ଉପକୂଳ ଛୁଇଁବ । ସେପଟେ ରବିବାରଠୁ ବଦଳିବ ପାଗ, ବଢିବ ଗରମ । ୧୫ରୁ ରାଜ୍ୟ ଉପରେ ହିଟ୍ ୱେଭର ପ୍ରଭାବ । ତାଣ୍ଡବ ରଚିବ ପ୍ରଳୟଙ୍କରୀ ବାତ୍ୟା 'ମୋକା' । ଏହା ଏକ ଅତି ଭୀଷଣ ବାତ୍ୟା ଭାବେ ୧୪ ତାରିଖ ମଧାହ୍ନ ସମୟରେ ଦକ୍ଷିଣପୂର୍ବ ବାଂଲାଦେଶ ଏବଂ ଉତ୍ତର ମିଆଁମାରର କକ୍ସ ବଜାର ଓ କ୍ୟାୟପିୟୁ (ମିଆଁମାର) ମଧ୍ୟରେ ମିଆଁମାରର ସ୍ୱଇଟେ ନିକଟରେ ଅତିକ୍ରମ କରିବ । ଏହି ସମୟରେ ପବନ ଘଣ୍ଟାପ୍ରତି ୧୫୦ରୁ ୧୬୯ ସର୍ବାଧିକ ୧୭୫କି.ମି. ରହିବ । ଫଳରେ ବ୍ୟାପକ କ୍ଷୟକ୍ଷତି ଘଟାଇବାର ଆଶଙ୍କା ରହିଛି । ଅନ୍ୟପଟେ ଏହା ପ୍ରଭାବରେ ରାଜ୍ୟର କିଛି ସ୍ଥାନରେ ସାମାନ୍ୟ କୋହଲା ପାଗ ଦେଖିବାକୁ ମିଳିଥିଲା । ▶▶ପୃଷ୍ଠା ୭

# ଝାରସୁଗୁଡ଼ାରେ ଦୀପାଳି ମାରିଲେ ବାଜି



ଝାରସୁଗୁଡ଼ା, ୧୩/୦୫ (ନି.ପ୍ର): ଆସିଲା ଝାରସୁଗୁଡ଼ା ଉପନିର୍ବାଚନ ଫଳାଫଳ । ବାଜି ମାରିଲେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ । ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଟଙ୍କଧର ତ୍ରିପାଠୀଙ୍କୁ ୪୮, ୭୨୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଦୀପାଳିଙ୍କୁ ୧ ଲକ୍ଷ ୭ହଜାର ୧୯୮ ଖଣ୍ଡ ଭୋଟ ମିଳିଥିବା ବେଳେ ଟଙ୍କଧରଙ୍କୁ ୫୮ ହଜାର ୪୭୭ ଖଣ୍ଡ ଭୋଟ ମିଳିଛି । ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେଙ୍କୁ ମାତ୍ର ୪୪୯୬ଖଣ୍ଡ ଭୋଟ ମିଳିଛି । ଆଜି ମୋଟ ୧୯ ରାଉଣ୍ଡ ଗଣତି ହୋଇଥିବା ବେଳେ ପ୍ରଥମ ରାଉଣ୍ଡରୁ ହିଁ ଦୀପାଳି ଆଗରେ ରହିଥିଲେ । ରାଉଣ୍ଡ ପରେ ରାଉଣ୍ଡ ଗଣତି ହେବା ସହିତ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ଦୀପାଳିଙ୍କ ଭୋଟ ବ୍ୟବଧାନ ସଂଖ୍ୟା ବଢ଼ି ଚାଲିଥିଲା । ▶▶ପୃଷ୍ଠା ୭

## ଓଡ଼ିଶା ପାଇଁ ଡବଲ ଇଞ୍ଜିନ ନୁହେଁ ସୁଶାସନ ଗୁରୁତ୍ୱପୂର୍ଣ୍ଣ: ନବୀନ



ଝାରସୁଗୁଡ଼ା, ୧୩/୦୫ (ନି.ପ୍ର): ଝାରସୁଗୁଡ଼ା ଉପନିର୍ବାଚନରେ ବିଜେଡିର ବିଜୟ ପରେ ବିରୋଧୀଙ୍କୁ କଡ଼ା ସମାଲୋଚନା କରିଛନ୍ତି ଦଳୀୟ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭୁବନେଶ୍ୱର ଶଙ୍ଖ ଭବନରେ ସେ ଝାରସୁଗୁଡ଼ା ବିଜୟ ଉତ୍ସବରେ ଯୋଗଦେଇ ସେ କହିଛନ୍ତି, ସିଙ୍ଗଲ କିମ୍ୱା ଡବଲ ଇଞ୍ଜିନ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଲୋକଙ୍କ ଦୃଷ୍ଟିରେ ସରକାର ଗୁରୁତ୍ୱପୂର୍ଣ୍ଣ । ଗୁଡ୍ ଗଭର୍ଣ୍ଣାସ୍ ଓ ପ୍ରୋ ପିପୁଲ ଗଭର୍ଣ୍ଣାନ୍ସ ସଦାବେଳେ ଜିତେ । ଯେଉଁମାନେ ଓଡ଼ିଶାର ଲୋକଙ୍କୁ ଅସମ୍ମାନ କରିବେ ଓ ସେମାନଙ୍କୁ ଲ' ଲେସ୍ କୁହାଯିବ । ସେମାନେ ଆମ ରାଜ୍ୟ ବିରୋଧରେ କାମ କରୁଛନ୍ତି ବୋଲି ବୁଝିବାକୁ ହେବ । ଯେଉଁମାନେ ଆମର ଭଉଣୀ, ମା' ଓ ▶▶ପୃଷ୍ଠା ୭

## ଏକକାଳୀନ ୩ଟି ବିଭାଗରେ ସାଗର ଶ୍ରେଷ୍ଠ ପୁରସ୍କାର ଜିତିଲା ପାରଦୀପ ବନ୍ଦର

ପାରାଦୀପ, ୧୩/୦୫ (ନି.ପ୍ର): ଚଳିତ ବର୍ଷ କେନ୍ଦ୍ର ବନ୍ଦର ଜାହାଜ ଚଳାଚଳ ଓ ଜଳ ମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସାଗର ଶ୍ରେଷ୍ଠ ସମ୍ମାନରେ ସମ୍ମାନିତ ହେଲା ପାରାଦୀପ ବନ୍ଦର । ଏକ କାଳୀନ ତିନୋଟି ବିଭାଗରେ ସମ୍ମାନୀତ ହୋଇଛି ପାରାଦୀପ ପୋର୍ଟ । ସର୍ବଭାରତୀୟ ମେଜର ପୋର୍ଟମାନଙ୍କ ଭିତରେ ସବୁ କ୍ଷେତ୍ରରେ ପାରାଦୀପ ବନ୍ଦର ସର୍ବଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଥିବାରୁ କେନ୍ଦ୍ର ଜାହାଜ ଚଳାଚଳ ଓ ଜଳ ମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରଥମ ସାଗର ଶ୍ରେଷ୍ଠ ସମ୍ମାନ ପାରାଦୀପ ବନ୍ଦରକୁ ଦିଆଯାଇଛି । ସେହିପରି ଚଳିତ ବର୍ଷ ସର୍ବାଧିକ କାର୍ଗୋ ହ୍ୟାଣ୍ଡେଲ କରିବାରେ ବନ୍ଦର ନିଜର ଦକ୍ଷତା ପ୍ରତିପାଦନ କରି ପାରିଛି । ପୂର୍ବ ବର୍ଷ ଅପେକ୍ଷା ▶▶ପୃଷ୍ଠା ୭

## ମେ ୨୬ରେ ରିଲିଜ ହେବ 'ଶଳା ବୁଢ଼ାର ବଦଳା'



ଭୁବନେଶ୍ୱର, ୧୩/୦୫ (ନି.ପ୍ର): 'ଶଳା ବୁଢାର ବଦଳା ' ଚଳଚ୍ଚିତ୍ରର ପୋଷ୍ଟର ରିଲିଜ୍ ଓ ମୁକ୍ତିଲାଭ ତାରିଖ ଘୋଷଣା ଏକ ବର୍ଣ୍ଣାଢ୍ୟ ପରିବେଷ ରେ ଭୁବନେଶ୍ୱର ପ୍ରେସ୍ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ୧୯୫୫ ରୁ ୧୯୫୯ ମଧ୍ୟରେ ଭାରତର ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ସତ୍ୟଜିତ ରାୟ ପ୍ରଥମ ଟ୍ରାଇଲୋଜି ସିନେମା ନିର୍ମାଣ କରିଥିଲେ । ତେବେ ଗର୍ବର କଥା ଯେ, ଏହି ଲମ୍ୱା ସମୟ ଅବଧି ମଧ୍ୟରେ ଦେଶରେ ଦ୍ୱିତୀୟ ଟ୍ରାଇଲୋଜି ସିନେମା ଆମ ଓଡିଶାରେ ତିଆରି ହୋଇଛି ଓ ତାହା ହେଉଛି ଏକ ନିଆରା ଓ ହୃଦୟସ୍ପର୍ଶୀ ସିନେମା 'ଶଳା ବୁଢାର ବଦଳା' । ବହୁ ପୁରସ୍କାର ବିଜେତା ଓ ଲୁପ୍ତପ୍ରାୟ ସଂସ୍କୃତି ଓ ଲୋକସଂସ୍କୃତି କୁ ନେଇ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କ ନିର୍ମିତ 'ଆଦିମ ବିଚାର' ଓ 'ଶଳା ବୁଢା' ପରେ ଏହି ସିନେମା ହେଉଛି ଟ୍ରାଇଲୋଜିର ତୃତୀୟ ଅଧ୍ୟାୟ । ପ୍ରଥମ ଥର ପାଇଁ ପିତା ଓ ପୁତ୍ର ମାନେ, ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ପ୍ରଯୋଜକ କୁମାର ସି ଦେବ ମହାପାତ୍ର ଏକା ଥରକେ ଏହି ଫିଲ୍ମ ପାଇଁ ଜାତୀୟ ପୁରସ୍କାର ପାଇଥିଲେ । ସବୁଠାରୁ ବଡ଼ କଥା, ଏହି ଟ୍ରାଇଲୋଜିର ସଙ୍ଗୀତ ଜାତୀୟ ପୁରସ୍କାର ପାଇଥିଲା । ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପଙ୍କଜ ଜାଲ୍ । ବହୁ ଚର୍ଚ୍ଚିତ ଏକ ମଉଜିକାଲ୍ ଥ୍ରୀଲର୍ 'ଶଳା ବୁଢାର ବଦଳା' ଓଡ଼ିଶାରେ ରିଲିଜ ହେବାକୁ ଯାଉଛି ଆସନ୍ତା ମେ ୨୬ ରେ । ପ୍ରଥମରୁ ଜବରଦସ୍ତ ରେସପନ୍ସ ପାଇଥିବା 'ଶଳା ବୁଢାର ବଦଳା' ଦୁବାଇ ଏକ୍ସପୋ ୨୦୨୦ ରେ ୱାର୍ଲ୍ଡ ପ୍ରିମିୟର ହୋଇଥିଲା । 'ଶଳା ବୁଢାର ବଦଳା' ହେଉଛି ଏକ ଜଟିଳ ମାନବ ଭାବନା ଏବଂ ସମ୍ପର୍କର ଚିତ୍ର ଯେଉଁଥିରେ ଅଛି କମେଡୀ ଓ ସୁସପେନ୍ସ । ଚଳଚ୍ଚିତ୍ର ଟି ଏକ ସରଳ ମାନବ ହୃଦୟର ମୂଲ୍ୟବୋଧକୁ ଆଲୋକିତ କରିଛି ଯେତେବେଳେ ଏକ ସମାଜ ମଧ୍ୟରେ ବିଶୃଙ୍ଖଳା, ଦ୍ୱନ୍ଦ୍ୱ ଏବଂ କ୍ରୋଧ ମଧ୍ୟରେ ମଧ ଏକ ସମ୍ପର୍କ ଗଢି ଉଠିଛି । ▶▶ପୃଷ୍ଠା ୭

## ମାଓ ଅଧ୍ୟୁଷିତ ଅଞ୍ଚଳରେ ଡିଜିପି: ସିଆରପିଏଫ କ୍ୟାମ୍ପରେ ଯବାନଙ୍କ ସହ ଆଲୋଚନା



### ନକ୍ସଲଙ୍କ ଗତିବିଧି ଉପରେ ନଜର ରଖିବ ଡ୍ରୋନ୍

ଫୁଲବାଣୀ , ୧୩/୦୫ (ନି.ପ୍ର): ନକ୍ସଲ ଦମନ ଅଭିଯାନ ଆହୁରି ଜୋରଦାର ହେବ । ନକ୍ସଲଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଡ୍ରୋନର ସହାୟତା ନିଆଯିବ । ସେଥିପାଇଁ ପୁଲିସ୍ ବିଭାଗରେ ସାମିଲ ହେବ ୬ଟି ଉଚ୍ଚ ଧରଣର ଡ୍ରୋନ୍ । କୋରାପୁଟରେ ମାଓ ସମୀକ୍ଷା ପରେ ପୁଲିସ୍ ଡିଜି ସୁନୀଲ ବଂଶଲ ଆଜି ଏହି ସୂଚନା ଦେଇଛନ୍ତି । ଶନିବାର ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ହେଲିକାପ୍ଟର ଯୋଗେ କନ୍ଧମାଳ ଗସ୍ତରେ ଆସି ମାଓ ଅଧ୍ୟୁଷିତ ତୁମୁଡିବନ୍ଧ ବ୍ଲକର ଭଣ୍ଡରଙ୍ଗୀ ଯାଇ ସେଠାରେ ଥିବା ସିଆରପିଏଫ କ୍ୟାମ୍ପକୁ ଯାଇ ଯବାନମାନଙ୍କ ସହ ଆଲୋଚନା କରିଥିଲେ । ଡିଜିପି ବଂଶଲ ପହଞ୍ଚିବା ପରେ ସିଆରପିଏଫ ଯବାନମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଡିଜିପି ବଂଶଲ ଯବାନମାନଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରିବା ସହ ସର୍ବଦା ନିଷ୍ଠା, ଆନ୍ତରିକତାର ସହ ଉତ୍ସର୍ଗୀକୃତ ମନୋଭାବ ନେଇ ସର୍ବଦା କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ମାଓ ଦମନ ଦିଗରେ ମଧ ଯବାନମାନଙ୍କୁ କିଛି ଟିପ୍ସ ମଧ ଦେଇଥିଲେ । ସେଠାରୁ ଡିଜିପି ବଂଶଲ ସିଧା ସଳଖ ଫୁଲବାଣୀ ଆସି ପୋଲିସ ରିଜର୍ଭ ପଡିଆଠାରେ ବିଏସଏଫ କ୍ୟାମ୍ପ ଉଦଘାଟନ କରିବା ପରେ ଫୁଲବାଣୀ ସ୍ଥିତ ▶▶ପୃଷ୍ଠା ୭

# ଆରପିଏଫ କନେଷ୍ଟବଲଙ୍କ ମୃତଦେହ ଗନ୍ଧାଗାଡ ଗ୍ରାମରେ ପହଂଚିବା ପରେ ଶୋକାକୁଳ ପରିବେଶ : ଗାଁ ଶ୍ମଶାନରେ ଶବ ସଂସ୍କାର

ସୁବର୍ଣ୍ଣପୁର, ୧୩/୦୫ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଥାନା ଅନ୍ତର୍ଗତ କନ୍ଦାଗାଡ ଗ୍ରାମର ରେଳବାଇ ପୋଲିସ କନେଷ୍ଟବଲଙ୍କ ଗତକାଲି ରାତିରେ ଡିଉଟିରେ ଥିବା ବେଳେ ଟ୍ରେନ୍ ରେ କଟି ମୃତ୍ୟୁ ଘଟିଥିଲା । ଆଜି ମଧ୍ୟାହ୍ନରେ ଶବ ଗାଁରେ ପହଂଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସୂଚନା ଅନୁସାରେ, କନ୍ଦାଗାଡ ଗ୍ରାମର ବସୁଦେବ ନାଏକଙ୍କ ଚାରିପୁଅ । ଦ୍ୱିତୀୟ ପୁଅ ଗତ ୭/୮ବର୍ଷ ହେବ ଏକ ଗାଡି ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ସାନପୁଅ ସରୋଜ ନାଏକ (୪୦) ରେଳବାଇ ପୁଲିସରେ ଚାକିରୀ କରୁଥିଲେ । ଗତକାଲି ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ତାଙ୍କର ଡିୟୁଟି ଥିଲା । ସେ କ୍ଷେତରାଜପୁର ରେଳ ଷ୍ଟେସନର ଓ୍ୱାସିଂ ଲାଇନରେ ଡିୟୁଟିରେ ଥିବା ବେଳେ ଏହି ଘଟଣା ଘଟିଥିବା ସହକର୍ମୀମାନେ ପ୍ରକାଶ କରିଥିଲେ । ସେ ଅନେକ ସମୟ ପର୍ଯ୍ୟନ୍ତ ଦେଖା ନ ଦେବାରୁ ତାଙ୍କୁ ଫୋନ କରାଯାଇଥିଲା । ଫୋନ ନଉଠାଇବାରୁ ଖୋଜାଖୋଜି କରିବା ପରେ ରେଳ ଧାରଣାରେ ଟ୍ରେନରେ କଟି ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ଜିଆରପି ପୁଲିସ ପହଂଚି ମୃତଦେହକୁ ଉଦ୍ଧାର କରିଥିଲେ । ସେଠାରେ ଶବ ବ୍ୟବଚ୍ଛେଦ ପରେ ଆଜି ମଧ୍ୟାହ୍ନରେ ଗାଁରେ ମୃତଦେହ ପହଂଚିଥିଲା । ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ବୃଦ୍ଧବାପା ବସୁଦେବ ନାଏକ, ମାଁ ଲତା ନାଏକ, ସ୍ତ୍ରୀ କବିତା, ସାତବର୍ଷର ଏକମାତ୍ର ପୁଅ ଇସାନ ଉପସ୍ଥିତ ଥିଲେ । ମୃତ୍ୟୁକୁ କେହି ବିଶ୍ୱାସ କରିପାରୁନଥିଲେ । ସ୍ତ୍ରୀ କବିତା ସ୍ୱାମୀଙ୍କ ଉପରେ ଲୋଟି ପଡି ଯାଇଥିଲେ । କ୍ଷଣକୁ କ୍ଷଣ ସେ ସଂଜ୍ଞାହୀନ ହୋଇ ପଡୁଥିଲେ । ବାପା କିଛି ବର୍ଷତଳେ ଗୋଟିଏ ପୁଅକୁ ହରାଇଥିବା ବେଳେ ଆଜି ଆଉ ଏକ ଜବାନ ପୁଅକୁ ହରାଇ ବାକ୍ଶୂନ୍ୟ ହୋଇ ପଡିଥିଲେ । ଗାଁରେ ଏଭଳି ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା ଯେ ଗାଁ ସାରା ସରୋଜକୁ ଝୁରି ହେଉଥିଲେ । ଗାଁ ଶ୍ମଶାନରେ ତାଙ୍କର ଶବ ସଂସ୍କାର କରାଯାଇଥିଲା । ପୁଅ ଇଶାନ ମୁଖାଗ୍ନି ଦେଇଥିଲେ । ଆରପିଏଫ ପକ୍ଷରୁ ସମ୍ବଲପୁର ଆସିଷ୍ଟାଂଟ କମାଣ୍ଡେଂଟ ମୁକେଶ କୁମାର, ଆଇଆଇସି ମୁନ୍ନା ଯାଦବଙ୍କ ସମେତ ବହୁ ରେଳବାଇ ଅଧିକାରୀ ଉପସ୍ଥିତ ରହି ଗାର୍ଡ ଅଫ୍ ଅର୍ନର ଦେଇ ଥିଲେ । ଶବରେ ଜାତୀୟ ପତାକା ଘୋଡାଇ ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ରେଳବାଇ ଆରପିଏଫ ପକ୍ଷରୁ ପ୍ରଦାନ କରାଯାଇଥିଲା । ଗାଁରେ ଶବକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ କିଛିସମୟ ରଖାଯାଇଥିଲା । ରାମପୁର ଥାନା ସବ୍ ଇନ୍ସପେକ୍ଟର ଅବିନାଶ ପଧାନଙ୍କ ସମେତ ପୋଲିସ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ ।

# ମୋ କଲେଜ ଅଭିଯାନ ଓ ଇଣ୍ଡିଆନ ସାଇକିଆଟ୍ରିକ ସୋସାଇଟି ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେଲା

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ ଓ ଇଣ୍ଡିଆନ ସାଇକିଆଟ୍ରିକସୋସାଇଟି, ଓଡ଼ିଶା ଶାଖା ମଧ୍ୟରେ ଶୁକ୍ରବାର ଏମଓୟୁ (ବୁଝାମଣାପତ୍ର)ସ୍ୱାକ୍ଷର ହୋଇଛି । ଏହି ଏମଓୟୁ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ତଥା ଏହାର ସଚେତନତାର ବିକାଶ କରାଯିବ । କଲେଜ ପଢୁଥିବା ଛାତ୍ରଛାତ୍ରୀମାନେ ଯେଭଳି ଚାପଗ୍ରସ୍ତ ନହୋଇ ଶିକ୍ଷା ଗ୍ରହଣ କରିବେ ସେ ଉପରେ ପିଲାଙ୍କୁ ମାନସିକ ସ୍ତରରେ ବିଭିନ୍ନ ପ୍ରଶିକ୍ଷଣ ଦିଆଯିବ । ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଶ୍ରୀ ଆକାଶ ଦାସନାୟକ ଓ ଇଣ୍ଡିଆନ ସାଇକିଆଟ୍ରିକସୋସାଇଟି, ଓଡ଼ିଶା ଶାଖାର ସଭାପତି ଡ଼କ୍ଟରଅମ୍ରିତପାଟ୍ଟଯୋଶୀ ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଇଣ୍ଡିଆନ ସାଇକିଆଟ୍ରିକସୋସାଇଟି, ଓଡ଼ିଶା ଶାଖାର ଡ଼କ୍ଟର ପ୍ରଫେସର ଅଶ୍ରୁମୋଚନ ସାହୁ ମଧ୍ୟ ଉପସ୍ଥିତ ଥିଲେ । ଏହି ଅବସରରେ ମୋ କଲେଜ ଅଭିଯାନର ଅଧ୍ୟକ୍ଷ ଶ୍ରୀ ଦାସନାୟକ କହିଲେ,' ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଚତୁର୍ଦ୍ଦିଗରୁ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଯେପରିକି ସୋସିଆଲ ମିଡିଆର ଚାପ , ଅନଲାଇନରେ ଜୁଆ ଖେଳିବାର ଚାପ,ପରିବାର ତଥା ବନ୍ଧୁବାନ୍ଧବଙ୍କ ଆଶର ଚାପ , ନିଜକୁ ସମାଜରେ ସୁ-ପ୍ରତିଷ୍ଠିତ କରିବାର ଚାପରେ ସେମାନେ ପଡୁଛନ୍ତି । କିନ୍ତୁ ଏହି ସବୁ ଆକାଂକ୍ଷା ଯେତେବେଳେ ପୂରଣ ହୁଏ ନାହିଁ, ସେତେବେଳେ ଯୁବ ସମାଜ ଆତ୍ମହତ୍ୟା ପରି ଭୁଲ ରାସ୍ତାକୁ ବାଛି ନିଅନ୍ତି । ତେଣୁକରି ବର୍ତ୍ତମାନ ସମୟରେ ସମାଜରେ ମାନସିକ ସଚେତନତା ଏକ ପ୍ରମୁଖ ଆହ୍ୱାନ ପାଲଟିଛି । ତେଣୁ ଏହି ମାନସିକ ସଚେତନତାର କାର୍ଯ୍ୟକ୍ରମ ପ୍ରାୟ ୧୦୦ଟି କଲେଜରେ ଅନୁଷ୍ଠିତ ହେବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ମାନସିକ ଚାପକୁ କିଭଳି ନିୟନ୍ତ୍ରଣ କରିପାରିବେ ତାହା ଉପରେ ସଚେତନ ହୋଇପାରିବେ ।' ଅନ୍ୟପକ୍ଷରେ ଇଣ୍ଡିଆନ ସାଇକିଆଟ୍ରିକସୋସାଇଟି, ଓଡ଼ିଶା ଶାଖାର ସଭାପତି ଡ଼କ୍ଟରଅମ୍ରିତପାଟ୍ଟଯୋଶୀ କହିଲେ ' ମଣିଷ ଜୀବନ ଇଶ୍ୱରଙ୍କର ଏକ ବରଦାନ । ଯୁବପିଢ଼ି ବା ଛାତ୍ରଛାତ୍ରୀମାନେ କିପରି ଭାବରେ ନିଜ ନିଜର ମାନସିକ ସୁସ୍ଥତାକୁ ଗୁରୁତ୍ୱ ଦେବେ ତାହା ହେଉଛି ଏହି ଏମଓୟୁର ମୂଳ ଲକ୍ଷ । ସେମାନଙ୍କୁ ସହଜ ଭାବରେ ସଚେତନ କରେଇବା ତଥା ସେମାନଙ୍କ ବିଭିନ୍ନ ମାନସିକ ଦୁଃଶ୍ଚିନ୍ତାର ଠିକ ଉତ୍ତର ଦେବା ଆମ ଦାୟିତ୍ୱ '। ଏହି ଏମଓୟୁ ଅନୁସାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମାନସିକ ଚାପ କିଭଳି ଦୂର ହେବ । ସେମାନେ ପାଠପଢ଼ା ଓ ଚାକିରିକୁ ନେଇ ଯେମିତି ଅଧିକ ଚାପରେ ରହିବେ ନାହିଁ ତାହା ଉପରେ ଗୁରୁତ୍ୱ ଦିଆଯିବ । ପିଲାମାନେ ନିଜ ମନ ଓ ମସ୍ତିଷ୍କକୁ ଦୃଢ଼ ରଖି ପ୍ରତିଟି ପରିସ୍ଥିତିର ଯେଭଳି ସାମ୍ନା କରିପାରିବେ ସେ କ୍ଷେତ୍ରରେ ମାନସିକ ବିଶେଷଜ୍ଞମାନେ ପିଲାଙ୍କୁ ଦିଗଦର୍ଶନ ଦେବେ ।

## ଭତା ଟଙ୍କା ପାଉନଥିବା ଅଭିଯୋଗ କଲେ ଅଣ୍ଡରାହାଲ୍ ଗ୍ରାମବାସୀ

ମାଲକାନଗିରି, ୧୩/୦୫ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡରାହାଲ୍ ଗ୍ରାମର ଲୋକେ ମାସ ମାସ ଧରି ଭତା ଟଙ୍କା ପାଇ ନଥିବା ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା କଥା ସେମାନେ ଭତା ଟଙ୍କା ପାଉନଥିବା ବେଳେ ବ୍ୟାଙ୍କକୁ ଯାଇ ଆକାଉଂଟକୁ ବାରମ୍ବାର ଚେକ୍ କରିଥିଲେ, କିନ୍ତୁ ସେଠି ମଧ୍ୟ ଟଙ୍କା ଆସିନଥିବା କହିଥିଲେ । କିଛିଦିନ ତଳେ ୫-ଟି ସଚିବ ଭି. କେ. ପାଣ୍ଡିଆନ ବଣ୍ଡାଘାଟୀ ଗସ୍ତରେ ଆସିଥିବା ସମୟରେ ଲୋକେ ତାଙ୍କୁ ମଧ୍ୟ ଭତା ଟଙ୍କା ପାଉନଥିବା ଅଭିଯୋଗ କରିଥିଲେ । ସେତେବେଳେ ଖଇରପୁଟ ଗୋଷ୍ଠି ଉନ୍ନୟନ ଅଧିକାରୀ କଣ ସମସ୍ୟା ହେଉଛି ମୁଁ ଆସି ବୁଝିବି ବୋଲି କହିଥିଲେ । କିନ୍ତୁ ଗୋଷ୍ଠି ଉନ୍ନୟନ ଅଧିକାରୀ କିମ୍ବା ପଂଚାୟତ ନିର୍ବାହୀ ଅଧିକାରୀ ଆସିନଥିବା କଥା ଗ୍ରାମବାସୀ କହିଥିଲେ । ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଭତା ଟଙ୍କା ଯୋଗାଇଦେବାକୁ ଗୁହାରି କରିଛନ୍ତି । ଦେଖିବାକୁ ବାକି ରହିଲା ସେମାନେ ତାଙ୍କର ଭତା କେବେ ପାଉଛନ୍ତି ।

# ବିନା କାଗଜପତ୍ରରେ ବେଧଡକ ଚାଲିଛି କେନ୍ଦୁପତ୍ର ଚାଲାଣ

ମାଲକାନଗିରି, ୧୩/୦୫ (ନି.ପ୍ର): ବିନା କାଗଜପତ୍ରରେ ବେଧଡକ ଚାଲିଛି କେନ୍ଦୁପତ୍ର ଚାଲାଣ । ଘରୋଇ ସଂସ୍ଥାକୁ କେନ୍ଦୁପତ୍ର କିଣିବା ପାଇଁ ପଂଚାୟତ ସ୍ତରରେ ଦିଆଯାଇଛି ରସିଦ । କେତେ କେନ୍ଦୁପତ୍ର କିଣୁଛନ୍ତି ଘରୋଇ ସଂସ୍ଥା ତାହାର ହିସାବ ପଂଚାୟତ ପାଖରେ ନାହିଁ । ବେଆଇନ ଭାବରେ ବାହାର ରାଜ୍ୟକୁ ରପ୍ତାନି ହେଉଛି ହଜାର ହଜାର କେନ୍ଦୁପତ୍ର । ବନ ବିଭାଗ ପାଖରେ ଖବର ନାହିଁ କିମ୍ବା ପଂଚାୟତରେ ମିଳୁନି ତଥ୍ୟ । ବର୍ତ୍ତମାନ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ଓ ବଙ୍ଗୀୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଲଘୁ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ବେଶ ଦୁଇ ପଇସା ରୋଜଗାର କରିବାର ସମୟ । ସେଥି ମଧ୍ୟରୁ କେନ୍ଦୁପତ୍ର ହେଉଛି ଅନ୍ୟତମ କେନ୍ଦୁପତ୍ର ତୋଳିବା ପାଇଁ ଆଦିବାସୀ ମାନଙ୍କ ପୁରା ପରିବାର ନିଜର ପିଲା ଛୁଆ ଧରି ସକାଳୁ ସକାଳୁ ବାହାରି ପଡନ୍ତି ନିକଟରେ ଥିବା ଜଙ୍ଗଲକୁ ।ସାଙ୍ଗରେ ଧରି ଥାନ୍ତି ସେହି ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ ପେଜ ।ନିକଟ ଜଙ୍ଗଲରେ ପହଂଚି ଆରମ୍ଭ କରି ଦିଅନ୍ତି କେନ୍ଦୁପତ୍ର ତୋଳିବା, ମଝିରେ ଭୋକ ଲାଗିଲେ ସାଙ୍ଗରେ ନେଇଥିବା ମାଣ୍ଡିଆ ପେଜରୁ ଦୁଇ ଗ୍ଲାସ ଖାଇ ପୁଣି କେନ୍ଦୁପତ୍ର ତୋଳିବାରେ ଲାଗି ପଡନ୍ତି ପୁରା ପରିବାର । କେନ୍ଦୁପତ୍ର ତୋଳି ମଧ୍ୟାହ୍ନ ସମୟରେ ଘରକୁ ଫେରନ୍ତି ଟିକେ କଣ ଦୁଇଟା ଖାଇ ଦେଇ ଟିକେ ବିଶ୍ରାମ କରିବା ପରେ ଲାଗି ପଡ଼ିଥାନ୍ତି ସଂଗ୍ରହ କରିଥିବା କେନ୍ଦୁପତ୍ର ଗୁଡିକୁ ସଜାଡି ବିଡା ବାନ୍ଧିବା କାର୍ଯ୍ୟରେ । କେନ୍ଦୁପତ୍ର ବିଡା ବାନ୍ଧି ସାରିବା ପରେ ସେଗୁଡିକ ନେଇଥାନ୍ତି ଗାଁ ମୁଣ୍ଡରେ ଥିବା ଅସ୍ଥାୟୀ ପଡିକୁ ।ପୂର୍ବରୁ କେନ୍ଦୁପତ୍ର ଗୁଡିକୁ କେବଳ ସରକାରୀ ସ୍ତରରେ କ୍ରୟ କରାଯାଉଥିଲା । କିନ୍ତୁ, ରାଜ୍ୟ ସରକାର ପଂଚାୟତ ସ୍ତରରେ କେନ୍ଦୁପତ୍ର କ୍ରୟ କରିବା ପାଇଁ ଘରୋଇ ସଂସ୍ଥା ମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଅସ୍ଥାୟୀ ପଡି ମଧ୍ୟ ଅଛି, କିନ୍ତୁ ସରକାରୀ ପଡିରେ କେନ୍ଦୁପତ୍ର ତୋଳାଳୀ ମାନେ ବିକ୍ରୟ କରିଲେ ସେମାନଙ୍କ ପଇସା ସିଧାସଳଖ ତୋଳାଳୀ ମାନଙ୍କ ବ୍ୟାଙ୍କ ଖାତାକୁ ଯାଉଛି । ତାପରେ ସରକାରୀ ସ୍ତରରେ ଯେଉଁମାନେ ଦେଉଛନ୍ତି ବିଭିନ୍ନ ପ୍ରକାର ସରକାରୀ ସୁବିଧା ସୁଯୋଗ ମିଳୁଛି ସତ, କିନ୍ତୁ ଟିକେ ବିଳମ୍ବ ହେଉଛି । କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ନୀତି ଦିନର ତେଲ ଲୁଣର ଖର୍ଚ୍ଚ ପାଇଁ ସରକାର ଘରୋଇ ସଂସ୍ଥା ମାନଙ୍କୁ କ୍ରୟ କରିବା ପାଇଁ ଅନୁମତି ଦେଇଛନ୍ତି । ସରକାର ଘରୋଇ ସଂସ୍ଥା ମାନଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରଖିଛନ୍ତି । ଘରୋଇ ସଂସ୍ଥା ମାନେ ଆବଶ୍ୟକ ନିଜର ତଥ୍ୟ ପ୍ରଦାନ କରି ପଂଚାୟତ କାର୍ଯ୍ୟାଳୟରେ ରସିଦ କାଟି କେନ୍ଦୁପତ୍ର କ୍ରୟ କରିପାରିବେ । ସେଗୁଡିକ କ୍ରୟ କରି ସରିବା ପରେ କେନ୍ଦୁପତ୍ର ଗୁଡିକୁ ବସ୍ତା କରି ପଂଚାୟତ ଗୋଦାମ ଗୃହରେ ରଖିବେ । ପରେ ସେହି କେନ୍ଦୁପତ୍ର ବସ୍ତା ଗୁଡିକ ଯେତେବେଳେ ପଂଚାୟତ ବାହାରକୁ ଚାଲାଣ ହେବ ସମ୍ପୃକ୍ତ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସ୍ତା ଗୁଡିକ ଯାଂଚ୍ କରିବା ପରେ ବାହାର ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଏକ ନିର୍ଦ୍ଦେଶନାମା ଦେବା ପରେ କେନ୍ଦୁପତ୍ର ବସ୍ତା ଗୁଡିକ ବାହାରକୁ ଯିବାର ଯାହା ବ୍ୟବସ୍ଥା ଅଛି । ତାହା ସହିତ ଘରୋଇ ସଂସ୍ଥା ଦ୍ୱାରା କେତେ ପରିମାଣରେ କେନ୍ଦୁପତ୍ର ତୋଳା ଯାଇଛି ଏକ ହିସାବ ରହିବ ବୋଲି ଯାହା ସରକାରୀ ବ୍ୟବସ୍ଥା ରହିଛି । କିନ୍ତୁ, ଘରୋଇ ସଂସ୍ଥା ଓ ସରକାରୀ ବାବୁ ମାନେ ତାହାକୁ ବେଖାତିର କରି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ଖାଲି କ୍ରୟ କରିବା ପାଇଁ ଘରୋଇ ସଂସ୍ଥାଙ୍କ ପାଖରୁ ଆବଶ୍ୟକ କାଗଜପତ୍ର ରଖି ପଂଚାୟତ ବିବିଧ ରସିଦ କାଟି ହାତ ବାନ୍ଧି ବସି ପଡୁଛନ୍ତି । ଘରୋଇ ସଂସ୍ଥା ମାନେ କେତେ କେନ୍ଦୁପତ୍ର କ୍ରୟ କରୁଛନ୍ତି ସେଗୁଡ଼ିକ କେଉଁଠିକି ସେମାନେ ନେଉଛନ୍ତି ତାହାର ହିସାବ ନା ପଂଚାୟତ ଅଧିକାରୀ ମାନେ ଦେଇ ପାରୁଛନ୍ତି ନା କେନ୍ଦୁଲିଫ ଅଧିକାରୀ ମାନେ ଦେଇ ପାରୁଛନ୍ତି । କେନ୍ଦୁପତ୍ର କ୍ରୟ ସଂସ୍ଥା ମାନେ ପଂଚାୟତରେ ଲକ୍ଷାଧିକ ଟଙ୍କା ଅମାନ୍ତ ଆକାରରେ ଜମା କରିବା କଥା, ହେଲେ ତାହା କରୁନଥିବା ବେଳେ ବେଳେ କ୍ରୟ ସଂସ୍ଥା ଗୁଡିକ ତୋଳାଳୀ ମାନଙ୍କୁ ଟଙ୍କା ନଦେଇ ଚାଲି ଯାଉଛନ୍ତି । ସେ ସମୟରେ ପଂଚାୟତ ତରଫରୁ ରଖାଯାଇଥିବା ଅଗ୍ରିମ ଟଙ୍କାରୁ ପ୍ରଦାନ କରିବା ପାଇଁ ନିୟମ ରହିଛି । ହେଲେ ଏହାକୁ କେହି ପାଳନ କରୁନାହାନ୍ତି । ଏପରି ଚିତ୍ର ସାମ୍ନାକୁ ଆସିଛି ମାଲକାନଗିରି ଜିଲ୍ଲା ମାଥିଲି, କାଲିମେଳା ଓ ଏମଭି -୭୯ କେନ୍ଦୁପତ୍ର ବନାଂଚଳରେ । ମାଥିଲି କେନ୍ଦୁପତ୍ର ବନାଂଚଳରେ ସରକାରୀ ସ୍ତରରେ କ୍ରୟ କରିବା ପାଇଁ ୬୭ ଟି ପଡି ରହିଥିବା ବେଳେ ୬୬୬୬ ଜଣ ହିତାଧିକାରୀଙ୍କ ନାମ ପଞ୍ଜିକୃତ ହୋଇଛି । ସେହିପରି ଏମଭି -୭ ୯ ବନାଂଚଳରେ ୫୫ ଟି ଫଡ଼ିରେ ୫୪୦୩ ତୋଳାଳୀ ନାମ ପଞ୍ଜିକୃତ କରିଛନ୍ତି । ସମସ୍ତ ହିତାଧିକାରୀ ସରକାରୀ ସୁବିଧା ପାଉଛନ୍ତି ବୋଲି ମାଥିଲି କେନ୍ଦୁପତ୍ର ବନାଂଚଳ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା ଏମଭି -୭ ୯ କେନ୍ଦୁପତ୍ର ବନାଂଚଳ ଅଧିକାରୀ ଆଶୁତୋଷ ସିଂ ସୂଚନା ଦେଇଛନ୍ତି । କେନ୍ଦୁପତ୍ର ବନାଂଚଳ ଅଧିକାରୀ ପାଖରେ ଘରୋଇ ସଂସ୍ଥା ଅଂଚଳରେ କେନ୍ଦୁପତ୍ର କ୍ରୟ କରୁଛନ୍ତି । ତାହାର ତଥ୍ୟ ରହୁନାହିଁ, ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାନେ ମଧ୍ୟ କୌଣସି ସୂଚନା ଦେଉନାହାନ୍ତି । ଏ ବିଷୟରେ କିଛି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ଗୋଟିଏ କଥା କହିଥିଲେ ଆମେ ଘରୋଇ ସଂସ୍ଥା ମାନଙ୍କ ପାଖରୁ ଆବଶ୍ୟକ କାଗଜପତ୍ର ରଖି ପଂଚାୟତର ବିବିଧ ରସିଦ କାଟି ଦେଉଛୁ । ବାକି ଘରୋଇ ସଂସ୍ଥା ମାନେ କେତେ କେନ୍ଦୁପତ୍ର କ୍ରୟ କରୁଛନ୍ତି ତାହାର ହିସାବ ଆମ ପାଖରେ ନାହିଁ । ସେମାନଙ୍କୁ ନେବାପାଇଁ ଜିଲ୍ଲା ସ୍ତରରେ ଡିପିଓ ନିର୍ଦ୍ଦେଶ ଦେଇଛନ୍ତି, ଆମକୁ ଅନ୍ୟ କିଛି ନିୟମ କାନୁନ ଦେଇ ନାହାଁନ୍ତି କି ସେ ବିଷୟରେ ଅଧିକାରୀ ମାନେ ଜାଣି ନାହାଁନ୍ତି । ଏଠି ସାଧାରଣରେ ଗୋଟିଏ ପ୍ରଶ୍ନ ଉଠିଛି ପଂଚାୟତ ସ୍ତରରେ କେନ୍ଦୁପତ୍ର ଚାଲାଣ ବ୍ୟବସ୍ଥା ଜିଲ୍ଲା ମୁଖ୍ୟାଳୟରେ ବସି କିପରି ଜାଣିବେ ପଂଚାୟତରେ କେତେ କେନ୍ଦୁପତ୍ର କ୍ରୟ ହେଉଛି ।

## ମହିମୁଣ୍ଡାରୁ ଉଦ୍ଧାର ହେଲେ ଅବହେଳିତ ଶିଶୁ କନ୍ୟା

ବଲାଙ୍ଗୀର, ୧୩/୦୫ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅଧିନସ୍ଥ ମହିମୁଣ୍ଡା ଗାଁର ଜଣେ ପିତୃହୀନ ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇ ପଥରଚେପା ସ୍ଥିତ ପାର୍ବତିଗିରି ବାଳ ନିକେତନ ଶିଶୁ ଗୃହରେ ଯତ୍ନ ଓ ସୁରକ୍ଷା ପାଇଁ ଅବସ୍ଥାପିତ କରାଯାଇଛି । ସରକାରୀ ସ୍ତରରୁ ଖବର ଜାଣି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂହ, ଡିସିପିୟୁର ସାମାଜିକ କର୍ମୀ ଅରୁଣ ଖୁଆସ, ମହିମୁଣ୍ଡା ସରପଂଚ ରଂଜିତା ଭୋଇ, ପଂଚାୟତ ଅଧିକାରୀ ମହିମୁଣ୍ଡା ପ୍ରମୁଖ ଶିଶୁ କନ୍ୟାଙ୍କର ମହିମୁଣ୍ଡା ସ୍ଥିତ ଘରକୁ ଶିଶୁ କନ୍ୟା ଓ ପରିବାରର ପରିସ୍ଥିତି ଜାଣିବାକୁ ପହଂଚିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ଉଦ୍ଧାର ହୋଇଥିବା ନାବାଳିକା ରୋଜି ବାରିକ(୧୧ ବର୍ଷ)ଙ୍କ ପିତା ଗତ ୨୦୧୯ରେ ମୃତ୍ୟୁବରଣ ହୋଇଯିବା ପରେ ସ୍ୱାମୀହରା ହୋଇ ରୋଜି ବାରିକଙ୍କ ମାତା ସସ୍ମିତା ମାନସିକ ସ୍ତରରେ ଭାଙ୍ଗି ପଡିଥିଲେ ଓ ମାନସିକ ବିକାରଗ୍ରସ୍ତ ହୋଇଯାଇଥିଲେ । ସେ ଏଣେ ତେଣେ ବୁଲାବୁଲି କରି, ମଗାମଗି କରି ଖିଆପିଆ କରି ନିଜ ଜୀବନ ବଂଚାଇଥିଲେ ଓ ନିଜ ଝିଅମାନଙ୍କ ସୁବିଧା ଅସୁବିଧା ବୁଝିବାକୁ ଅସମର୍ଥ ଥିଲେ । ଶିଶୁ କନ୍ୟା ରୋଜି ବାରିକ ଡାହିମାଲରେ ରହୁଥିବା ନିଜ ଗରିବ କକା ଘରେ ଆଶ୍ରୟ ନେଇ ବର୍ତମାନ ସପ୍ତମ ଶ୍ରେଣୀ ରେ ପଢୁଥିବା ବେଳେ ବଡ ଭଉଣୀ ଅଞ୍ଜଳି ନିଜ ଦୂରସମ୍ପର୍କୀୟ ମାଉସି ଘରେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି । ଉପରୋକ୍ତ ପରିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସରକାରୀ ଚାଉଳ, ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ଥିବାବେଳେ ତାଙ୍କର ମା'ଙ୍କର ଚିକିତ୍ସା ପାଇଁ ସରକାରଙ୍କର ସହାୟତା ଲୋଡିଛନ୍ତି ଏବଂ ପ୍ରତ୍ୟୁତରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ତାହାର ଉପଯୁକ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଭର ପ୍ରତିଶୃତି ଦେଇଥିଲେ ।

## ସରକାରୀ ଅଧିକାରୀ ଓ ସ୍ୱଚ୍ଛାସେବୀ ସମନ୍ୱୟ ବୈଠକ ଅନୁଷ୍ଠିତ

ପୁରୀ, ୧୩/୦୫ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ କୁ ରୋକାଯାଇ ନପାରେ କିନ୍ତୁ ପୂର୍ବ ପ୍ରସ୍ତୁତି ଦ୍ୱାରା ଏହା ଦ୍ୱାରା କ୍ଷତି କୁ ହ୍ରାସ କରାଯାଇ ପାରିବ । ଏଥିରେ ସ୍ୱଚ୍ଛାସେବୀ ମାନଙ୍କର ସହଯୋଗ ଗୁରତ୍ୱପୂର୍ଣ୍ଣ ବୋଲି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ମତ ଦେଇଛନ୍ତି । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟ ର ମୁକାବିଲା ପାଇଁ ଜିଓ ଏନଜିଓ ବା ସରକାରୀ ଅଧିକାରୀ ଓ ସ୍ୱଚ୍ଛାସେବୀ ସଂଗଠନ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମହାବାତ୍ୟା ପରେ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମଗ୍ର ବିଶ୍ୱ ରେ ଆଦୃତ ହୋଇଛି । ସେହି ମଡେଲ ଆଧାର ରେ ଯେପରି କ୍ଷୟକ୍ଷତିକୁ କମାଯାଇ ପାରିବ ଓ ପ୍ରତିଟି ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇ ପାରିବ ସେଥିପାଇଁ ପ୍ରତ୍ୟେକ ସ୍ତରରେ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କେବଳ ସରକାର ବା ପ୍ରଶାସନ ବିପର୍ଯ୍ୟୟର ମୁକାବିଲା କରିବା ସମ୍ଭବ ନୁହେଁ । ଏଥିପାଇଁ ପ୍ରତ୍ୟେକ ସ୍ୱଚ୍ଛାସେବୀ ସଂଗଠନର ସହଯୋଗ ସହ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରଶିକ୍ଷିତ କରାଇବାକୁ ସେ ମତ ଦେଇଥିଲେ ।

# ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ : ପ୍ରଧାନ ଶିକ୍ଷକଙ୍କ ସମେତ ତିନି ଜଣଙ୍କୁ ୪ ବର୍ଷ ଜେଲ୍

କନ୍ଧମାଳ, ୧୩/୦୫ (ନି.ପ୍ର): ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଆଜି ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ତିନିଜଣଙ୍କୁ ୪ ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଦୋଷୀ ମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ଜରିମାନା ଅନାଦେୟ ଅଭିଯୁକ୍ତ ମାନଙ୍କୁ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ ଖଜୁରୀପଡା ବ୍ଲକ ଘାଟିତଲ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷକ କିଶୋର କୁମାର ଦାସ, ସର୍ବଶିକ୍ଷା ଅଭିଯାନର ବୈଷୟିକ ପରାମର୍ଶଦାତା ପୃଥ୍ୱୀରାଜ ଲେଙ୍କା ଓ ବିଦ୍ୟାଳୟ କମିଟି ସଭାପତି ସୁବୀନ୍ଦ୍ର କହଁର । ସୂଚନା ଅନୁସାରେ, ୨୦୧୪ ମସିହାରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ସର୍ବଶିକ୍ଷା ଅଭିଯାନ ପାଣ୍ଠିରୁ ୯ ଲକ୍ଷ ୯୬ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏହି ଅର୍ଥରୁ ୮ ଲକ୍ଷ ୯୬ ହଜାର ଟଙ୍କା ଉଠା ଯାଇଥିଲା । ତେବେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିଲା । ଅଭିଯୁକ୍ତ ମାନେ କାମ ନ କରି ଏହି ଅର୍ଥ ହଡପ କରିବା ଅଭିଯୋଗ ହୋଇଥିଲା । ଏ ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେବା ପରେ ଡିଏସପି ହରେକୃଷ୍ଣ ବେହେରା ତଦନ୍ତ କରି ଅଭିଯୋଗରେ ସତ୍ୟତା ଥିବା ଜାଣିବା ପରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ୩/୧୪ ରେ ଏକ ମାମଲା ରୁଜୁ କରାଯାଇଥିଲା । ଆଜି ଏହି ମାମଲାର ଶୁଣାଣି କରି ଫୁଲବାଣୀ ଭିଜିଲାନ୍ସ ଅଦାଲତ ବିଚାରପତି ସମର ବିଳାସ ବେହେରା ୨୧ ଜଣ ସାକ୍ଷୀଙ୍କ ବୟାନ ଓ ତଥ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ଭି.ଭି. ରାମଦାସ ପରିଚାଳନା କରୁଥିଲେ ।

# କେନ୍ଦୁଝରରେ ଜନବସତି ମୁହାଁ ହେଉଛନ୍ତି ଜଙ୍ଗଲୀ ଜନ୍ତୁ :ନର୍ସରୀ ଭିତରେ ଭାଲୁ

କେନ୍ଦୁଝର , ୧୩/୦୫ (ନି.ପ୍ର): ଘଂଚ ଜଙ୍ଗଲ ପରିପୂର୍ଣ୍ଣ କେନ୍ଦୁଝର ଜିଲ୍ଲା ଏବେ ଧୀରେ ଧୀରେ ଜଙ୍ଗଲ ଶୂନ୍ୟ ହେବାକୁ ଯାଉଥିବା କାରଣରୁ ଏବେ ଜଙ୍ଗଲୀ ଜନ୍ତୁ ମାନଙ୍କର ସୁରକ୍ଷା ବିପନ୍ନ ହେବା ସହ ସେମାନଙ୍କ ପାଇଁ ଖାଦ୍ୟର ଅଭାବ ଦେଖା ଦେଇଛି । ସେମାନଙ୍କର ଶାନ୍ତି ମଧ୍ୟ ନଷ୍ଟ ହେଉଛି । ବିଭିନ୍ନ କାରଣରୁ କେନ୍ଦୁଝରର ଜଙ୍ଗଲ ସଂପଦ ଉଦ୍‌ବେଗପୂର୍ଣ୍ଣ ଭାବେ ହ୍ରାସ ପାଉଛି । ଯେଉଁଥିପାଇଁ ସେମାନେ ଜନବସତି ମୁହାଁ ହେବାରେ ଲାଗିଛନ୍ତି । ଜଙ୍ଗଲର ବିରାଟକାୟ ଜନ୍ତୁ ହାତୀ, ଅନେକ ସମୟରେ ଠେକୁଆ, କୁଟରା ଭଳି ଜଙ୍ଗଲୀ ଜନ୍ତୁ ଗ୍ରାମାଂଚଳକୁ ପଶି ଆସୁଥିବା ଦେଖିବାକୁ ମିଳୁଛି । ଆଜି ସେଭଳି ଏକ ବିରାଟକାୟ ଭାଲୁ ସଦର ରେଞ୍ଜ ର ପଦ୍ମପୁର ଗ୍ରାମ ନିକଟ ଯୋଗୀମଠ ସେଟ୍ରାଂଲ ନର୍ସରୀ ଭିତରକୁ ଧସେଇ ପଶିଥିଲା । ଆଜି ସକାଳ ପ୍ରାୟ ପ୍ରାୟ ନଅଟା ସମୟରେ ଏକ ବିରାୟକାୟ ଜଙ୍ଗଲୀ ଭାଲୁକୁ ହଠାତ୍ ପଦ୍ମପୁର ନିକଟରେ ଦେଖିବାକୁ ମିଳିଥିଲା । ଲୋକମାନେ ପାଟି କିର ଭାଲୁଟିକୁ ଘଉଡାଇବାକୁ ଚେଷ୍ଟା କରିଥିଲେ । ଫଳରେ ଭୟଭୀତ ହୋଇ ଭାଲୁଟି ଯୋଗାମଠସ୍ଥିତ ସେଟ୍ରାଂଲ ନର୍ସରୀ ଭିତରକୁ ପଶି ଯାଇଥିଲା । ଭାଲୁଟି ଆସିବା ବାଟରେ ଜଣଙ୍କୁ ମଧ୍ୟ ରାମ୍ପୁଡି ଆହତ କରିଥିଲା । ଭାଲୁକୁ ଦେଖିବାକୁ ନର୍ସରୀ ନିକଟରେ ଲୋକଙ୍କର ଭିଡ ବଢିବା କାରଣରୁ ବନ ବିଭାଗ ଓ ପୋଲିସ ପକ୍ଷରୁ ଅଂଚଳକୁ ସିଲ କରାଯାଇଛି । ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ଟେକା ପଥର ମାରି ଭାଲୁକୁ ଉତ୍ୟକ୍ତ ନ କରିବାକୁ ସତର୍କ କରାଯାଇଛି । ଭାଲୁ ଉପରେ ବନ ବିଭାଗ ପକ୍ଷରୁ ନଜର ରଖାଯାଇଛି । ଭାଲୁଟି ବର୍ତମାନ ସୁରକ୍ଷିତ ଅବସ୍ଥାରେ ରହିଛି । ଦିନ ସମୟରେ ଭାଲୁଟି କୁଆଡେ ଯାଇପାରିବ ନାହିଁ । ଏଣୁ ରାତି ହେଲେ ଭାଲୁଟି ସ୍ଥାନ ଛାଡି ଚାଲିଯିବ ବୋଲି ସଦର ରେଞ୍ଜର ବିଜୟ କୁମାର ମହାନ୍ତ କହିଛନ୍ତି ।

# ଯାଜପୁର ଜିଲ୍ଲା ବିଜେଡ଼ିର ବହୁନେତା କଂଗ୍ରେସରେ ଯୋଗଦେଲେ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): କଂଗ୍ରେସ ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯାଜପୁର ଜିଲ୍ଲା ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ଶ୍ରୀମତୀ ଆରତୀ ଦେଓଙ୍କ ସମେତ ବହୁ ବିଜେଡ଼ି କର୍ମୀ ଆଜି ବିଜେଡ଼ି ଛାଡ଼ି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି । ଏହି ଅବସରରେ ଭୁବନେଶ୍ୱର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ସମସ୍ତଙ୍କୁ ପୁଷ୍ପମାଲ୍ୟ, ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ ଏବଂ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ । ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ କହିଲେ ଯେ, ଶ୍ରୀମତୀ ଦେଓଙ୍କ ଯୋଗଦାନ କଂଗ୍ରେସକୁ ଯାଜପୁର ଜିଲ୍ଲାରେ ସୁଦୃଢ଼ କରିବ । ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମନୋଜ ରାଉତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

ନିଜ ବକ୍ତବ୍ୟରେ ଶ୍ରୀମତୀ ଦେଓ କହିଲେ ଯେ ଆଗାମୀ ଦିନରେ କଂଗ୍ରେସ ସୁଦୃଢ଼ କରିବାରେ ମୁଁ ନିଷ୍ଠାପର ଭାବରେ ମୋର ଉଦ୍ୟମ ଜାରି ରଖିବି ବୋଲି ସେ କହିଥିଲେ । ଶ୍ରୀମତୀ ଦେଓଙ୍କ ସହ ବିଜେଡ଼ି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ଅନ୍ୟ ନେତୃବୃନ୍ଦ ହେଲେ ସର୍ବଶ୍ରୀ ସେକ୍ ଇମ୍ତିୟାଜ ଖାନ୍, ଏସ୍.କେ. ଅଲ୍ଲହାଜ ଅଲ୍ଲୀ, ମନୋଜ ଜେନା, ମଙ୍ଗୁମହାନ୍ତି, ଅନନ୍ତ ଘଡ଼େଇ, ନରେଶ ବେହୁରିଆ, ମମିତା ମଲ୍ଲିକ, ଅଲିଭା ଘଡ଼େଇ, ସନ୍ଧ୍ୟା ମଲ୍ଲିକ, ଦିପୁ ମଲ୍ଲିକ, ଗୋପାଳ ଜେନା ଓ ପ୍ରକାଶ ଦେଓ ପ୍ରମୁଖ । ଆଜିର ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଶ୍ରୀ ମାନସ ଚୌଧୁରୀ, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଜିତ୍ ଦାଶ, ଜାନକୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀ ଚିନ୍ମୟ ପ୍ରସାଦ ବେହୁରା, ରଜନୀ ମହାନ୍ତି, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ଯାସିର ନୱାଜ, ପ୍ରକାଶ ମିଶ୍ର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ଶ୍ରୀ ରଞ୍ଜିତ୍ ପାତ୍ର, ସୁବ୍ରତ ମହାପାତ୍ର, ପ୍ରଭାତ ପ୍ରତାପ ସିଂ, ବ୍ଲକ ସଭାପତି ଶ୍ରୀ ଅଶୋକ ଦାସ, ଗୀତାଞ୍ଜଳୀ ମହାନ୍ତି, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଧି ଓ ଅମରେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

# ଠକେଇ ଅଭିଯୋଗରେ ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

ଖୋର୍ଦ୍ଧା, ୧୩/୦୫ (ନି.ପ୍ର): ବାଣପୁର ଥାନା ଅଂଚଳର ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଠକେଇ କରିଥିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ପୁରୁଷୋତମପୁର ପୋଲିସ ଗିରଫ କରିଛି । ଗିରଫ ସେନା କର୍ମଚାରୀ ଜଣକ ହେଲେ ଭୀମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ । ଅଭିଯୋଗ ଅନୁଯାୟୀ, ପୂର୍ଣ୍ଣଚନ୍ଦ୍ର ପୁରୁଷୋତମପୁର ଥାନା ଅଂଚଳର ରାଜେଶ କୁମାର ମୁନି (୪୧) ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ସର୍ବଭାରତୀୟ ବନ୍ଧୁକ ଲାଇସେନ୍ସ କରାଇଦେବା ଓ ମୁମ୍ବାଇରେ ଚାକିରୀ କରାଇଦେବା ନେଇ ଗତବର୍ଷ ୨୨ ସେପଟ୍ମେରରେ ଅନଲାଇନ ମାଧ୍ୟମରେ ୬୫ ହଜାର ସମେତ ନଗଦ ୨ ହଜାର ଏପରିକି ମୋଟ ୬୭ ହଜାର ଟଙ୍କା ଠକି ନେଇଥିଲେ । ରାଜେଶଙ୍କ କୌଣସି କାମ ନହେବାରୁ ସେ ପୂର୍ଣ୍ଣଙ୍କୁ ଟଙ୍କା ଫେରାଇଦେବା ପାଇଁ କହିଥିଲେ । ହେଲେ ପୂର୍ଣ୍ଣ ମାସ ମାସ ଧରି ରାଜେଶକୁ ଟଙ୍କା ଫେରାଇ ନଥିଲେ । ଏପରିକି ପୂର୍ଣ୍ଣ ଟଙ୍କା ନଫେରାଇ ଓଲଟା ରାଜେଶଙ୍କୁ ଧମକଚମକ ଦେଉଥିଲେ । ଏନେଇ ଗତ ଜାନୁଆରୀ ୮ରେ ପୁରୁଷୋତ୍ତମପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗକୁ ଭିତି କରି ପୋଲିସ କେସ ନମ୍ବର ୧୫/୨୩, ଆଇପିସି ଧାରା ୪୨୦, ୫୦୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ତେବେ ପୋଲିସ ସହ ପୂର୍ଣ୍ଣ ପୂର୍ବରୁ ଲୁଚକାଳି ଖେଳିଆସୁଥିଲା । ହେଲେ ଗତକାଲି ପୁରୁଷୋତମପୁର ପୋଲିସ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ତାକୁ ଗିରଫ କରି କୋର୍ଟଚାଲାଣ କରିଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୪ ମଇ ୨୦୨୩
email :
rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ...... | କଥା, କବିତା, ସୃଜନର ସୁରମ୍ୟ ସମାହାର

## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା

ଭାଗ-୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)



‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଆଶ୍ୱସ୍ତ ହେଲେ ସୂର୍ଯ୍ୟଦେବ । ମୁନିକନ୍ୟାମାନେ ସୀତାଙ୍କୁ ଦେଖି, ତାଙ୍କ ଦୁଃଖ ଶୁଣି ତାଙ୍କୁ ଆଶ୍ରମକୁ ନେଇଯିବେ । ଛୁହୁଁଛୁହୁଁ ମୁନିକନ୍ୟା ମାନେ ଆସି ସୀତାଙ୍କୁ ବେଢ଼ି ଯାଇଥିଲେ । ଜଣକ ପରେ ଜଣେ ପ୍ରଶ୍ନ ପଚାରି ବସିଲେ, କିଏ ତୁମେ ଦେବୀ ? କେଉଁଠି ତୁମର ଘର ? ତୁମେ ତ ରାଜବଧୂ ଭଳି ପ୍ରତୀୟମାନ ହେଉଛ । ତୁମ ରୂପଶୋଭାରେ ଏ ବନଭୂମି ସନ୍ଧ୍ୟାକାଳରେ ବି ଆଲୋକିତ ହୋଇ ପଡୁଛି । କ’ଣ ପାଇଁ ତୁମେ ଏକାକୀ ଏଠାରେ ରୋଦନ କରୁଛ ? ମୁନିକନ୍ୟା ମାନେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥା’ନ୍ତି । ସେମାନଙ୍କୁ କି ଉତ୍ତର ଦେବେ ବୈଦେହୀ । ବରଂ ମୁନିକନ୍ୟାଙ୍କୁ ଦେଖି କିଛି ନକହି ସେ ଆହୁରି ବିକଳ ହୋଇ କାନ୍ଦିବାକୁ ଲାଗିଲେ ।

ମୁନିକନ୍ୟା ମାନେ ନିରବ ହୋଇଗଲେ । କିଏ ଏହି ଅନିନ୍ଦ୍ୟା ସୁନ୍ଦରୀ ରମଣୀ । ଯାହା ପଚାରିଲେ କିଛି ଉତ୍ତର ନଦେଇ ଲୁହ ଢାଳୁଛନ୍ତି ।

ମୁନିକନ୍ୟାମାନଙ୍କୁ ଆଢ଼େଇ ଦେଇ ତପସ୍ୱିନୀ ଅନୁକମ୍ପା ଯାଇ ଆଣ୍ଠୁମାଡ଼ି ସୀତାଙ୍କ ନିକଟରେ ବସି ପଡ଼ିଥିଲେ । ନିଜ ପିନ୍ଧା ପଣତରେ ତାଙ୍କ ଚକ୍ଷୁରୁ ଅଶ୍ରୁପୋଛି ଦେଇ ଧୀର କଣ୍ଠରେ ପଚାରିଥିଲେ “ମା’ ! କ’ଣ ପାଇଁ ତୁମେ ଏଠାରେ ଏକାକୀ ବସି କାନ୍ଦୁଛ ? କ’ଣ ହୋଇଛି ତୁମର ? ତୁମର ପରିଚୟ ପ୍ରଦାନ କରି କିଛି ନକହିଲେ, ତୁମେ କିଏ ଆମେ ଜାଣିବୁ କେମିତି ? ମନରେ କିନ୍ତୁ ନରଖି, ଭୟ ନକରି ମନକଥା ଖୋଲି କୁହ ମା’ । ତୁମେ ଯେଉଁ ସ୍ଥାନରେ ରୋଦନ କରୁଛ, ଏ ସ୍ଥାନଟି ହେଉଛି ଋଷିଶ୍ରେଷ୍ଠ ବାଲ୍ମିକୀଙ୍କ ଆଶ୍ରମ । ଏଠାରେ ଦୁଃଖର ସ୍ଥାନ ନାହିଁ ମା’ । ଏହି ଆଶ୍ରମ ଶାନ୍ତି ଆଶ୍ରମ ନାମରେ ଖ୍ୟାତ । ଏଠି ପଶୁପକ୍ଷୀ ମାନଙ୍କ ମଧ୍ୟରେ ବୈରତା ନାହିଁ । ବ୍ୟାଘ୍ର, ସିଂହ ଶାବକଙ୍କ ସହିତ ହରିଣ ପିଲାମାନେ, ବାଛୁରୀମାନେ ସାଂଗ ହୋଇ ଖେଳନ୍ତି । ସେହିଭଳି ଏକ ଆନନ୍ଦାଶ୍ରମରେ ତୁମେ ପାଦଦେଇଛ ଯେତେବେଳେ କାନ୍ଦୁଛ କାହିଁକି ? ତୁମର କ’ଣ ହୋଇଛି ? କିଏ ତୁମ ଉପରେ ଅତ୍ୟାଚାର କରିଛି କିମ୍ବା କିଏ ତୁମକୁ ଗୃହରୁ ତଡ଼ି ଦେଇଛି ତାହା ଆମକୁ ଖୋଲି କୁହ । ଋଷିଶ୍ରେଷ୍ଠ ବାଲ୍ମିକୀଙ୍କୁ କହି ମୁଁ ତାର ପ୍ରତିକାର କରିବି ।”

ଅନୁକମ୍ପାଙ୍କର କୋମଳ ବଚନ ଶୁଣି ସୀତାଙ୍କର ହୃଦୟ ବିଗଳିତ ହୋଇଗଲା । ଆହୁରି ବେଗରେ କାନ୍ଦିଉଠି ସେ ଟଳିପଡ଼ିଥିଲେ ଅନୁକମ୍ପାଙ୍କ କୋଳରେ । ଅନୁକମ୍ପା ଜାଣିଲେ ନାରୀଜଣଙ୍କ ମୂର୍ଚ୍ଛା ହୋଇଗଲେ । ମୁନିକୁମାରୀ ମାନଙ୍କୁ ସେ ଇଂଗିତ ଦେଲେ ଜଳ ଆଣି ତାଙ୍କ ମୁଖରେ ସିଞ୍ଚନ କରିବାକୁ ।

ମୁନିକୁମାରୀମାନେ ଜଳ ଆଣିବାପାଇଁ ତମସାକୁ ଯିବାପୂର୍ବରୁ ଆକାଶରୁ ଝରି ପଡ଼ିଥିଲା ବିନ୍ଦୁବିନ୍ଦୁ ହୋଇ ଜଳ । ଆକାଶକୁ ଅନାଇଲେ ଅନୁକମ୍ପା । ମୁନିକୁମାରୀ ମାନେ ମଧ୍ୟ ଅନାଇ ଦେଖିଲେ ସନ୍ଧ୍ୟାକାଶ ମେଘ ମୁକ୍ତ । ବର୍ଷାବିନ୍ଦୁ ଆସୁଛି କେଉଁଠୁ ? ସାଇଁ ସାଇଁ ହୋଇ ପବନ ବହୁଛି । ସେହି ପବନ ଦେହରୁ ଖସିପଡୁଛି ଟୋପାଟୋପା ଜଳରାଶି । ଆଶ୍ଚର୍ଯ୍ୟ ହୋଇଥିଲେ ଅନୁକମ୍ପା ଏହା ସମ୍ଭବ ହେଉଛି କିପରି ? ଏ ନାରୀ ଆଉ ଦେବକନ୍ୟା ନୁହେଁ ତ ? ସାଧାରଣ ମାନବୀଟିଏ ହୋଇଥିଲେ ଏପରି କେବେ ହୋଇନଥା’ନ୍ତା । ଅନୁକମ୍ପାଙ୍କ କଣ୍ଠରୁ ଝରିପଡ଼ିଲା କେତୋଟି ଶବ୍ଦ ତାହେଲେ ଏ କ’ଣ ମାନବୀ ନୁହଁନ୍ତି ଦେବୀ ?

ହଁ ଅନୁକମ୍ପା ତୁମେ ଯାହାଙ୍କୁ କୋଳରେ ଧରିଛ ସେ ସାଧାରଣ ମାନବୀ ନୁହଁନ୍ତି । ସେ ଦେବୀ । ସେ ଜଗତ୍‌ମାତା ଲକ୍ଷ୍ମୀ ।

ଋଷିଶ୍ରେଷ୍ଠ ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଅନୁକମ୍ପା ।

ହଁ ଅନୁକମ୍ପା । ସନ୍ଧ୍ୟା ସମୟରେ ସ୍ନାନତର୍ପଣ ସାରି ମୁଁ ତମସାରୁ ଫେରୁଥିବା ସମୟରେ ମୋ କର୍ଣ୍ଣରେ ଏହି ନାରୀର କରୁଣ କ୍ରନ୍ଦନ ଧ୍ୱନି ବାରମ୍ବାର ଧ୍ୱନିତ ହେଲା । ମୁଁ ବିଚଳିତ ହୋଇପଡ଼ିଲି ସେ କାନ୍ଦଣା ଶୁଣି । କେହିଜଣେ ଅସହାୟା ନାରୀ ମୋ ଆଶ୍ରମ ବାହାରେ କାନ୍ଦୁଥିବାର ଜାଣି ମୁଁ ଆସୁଥିବା ସମୟରେ ଆଶ୍ରମ କନ୍ୟାମାନେ ଧାଉଁଥିବାର ଦେଖି, କ’ଣ ଘଟିଛି ଜାଣିବା ପାଇଁ ଧ୍ୟାନସ୍ଥ ହୋଇ ଯାହା ଜାଣିଲି, ତାହା ଶୁଣିଲେ ତୁମେ ଥୟ ଧରିପାରିବ ନାହିଁ । ସେ କଥା ମୁଁ ତୁମକୁ ପରେ କହିବି । ତୁମେ ଯେତେ ଶୀଘ୍ର ପାରୁଛ ୟା’ଙ୍କୁ ଆଶ୍ରମକୁ ନେଇଚାଲ ।

ଏ ଯେ ସଂଜ୍ଞାହୀନ, ଋଷି । କେମିତି ଆମେ ୟାଙ୍କୁ ଆଶ୍ରମକୁ ନେବା ।

ଅନୁକମ୍ପାଙ୍କ ନିକଟରେ ବସି ପଡ଼ିଥିଲେ ମହର୍ଷି ବାଲ୍ମିକୀ । ଧୀର କଣ୍ଠରେ କହିଥିଲେ, “ବିଧାତା ଲିଖନ, କେ କରିବ ଆନ ।” ଦୁଃଖ କରନା ମା ସୀତା । ତୁ ଆସି ଉପଯୁକ୍ତ ସ୍ଥାନରେ ପହଞ୍ଚି ଯାଇଛୁ । ଆଜି ଠୁଁ ତୋର ସବୁ ଦାୟିତ୍ୱ ମୋ ଉପରେ । ତୁ ମୋ ଝିଅ । ତୋ ପିତା ମୋର ଏକାନ୍ତ ଆତ୍ମୀୟ । ତୋ ଶଶୁର ମୋର ସୁହୃଦ ।

କଥା କହୁକହୁ ମୁନିଶ୍ରେଷ୍ଠ ତା’ ମସ୍ତକରେ ନିଜ ହସ୍ତାଙ୍ଗୁଳିର ସ୍ପର୍ଶ ଦିଅନ୍ତେ ସ୍ୱପ୍ନ ତେଜି ଉଠିଲା ପ୍ରାୟ ଉଠି ବସିଥିଲେ ସୀତାଦେବୀ । ମୁନିଙ୍କ ମୁଖକୁ ଅନାଇ କାନ୍ଦିକାନ୍ଦି ତାଙ୍କ ପାଦତଳେ ଲୋଟି ଯାଇଥିଲେ । ସୀତାଙ୍କୁ ତଳୁ ଉଠାଇନେଇ ମୁନି ବାଲ୍ମିକୀ କହିଥିଲେ, “କାହିଁକି କାନ୍ଦୁଛୁ ମା’ । ଏ ଦୁଃଖ ତୋତେ ଭୋଗିବାକୁ ପଡ଼ିବ । ତୁ କିଏ ? ତୋର କ’ଣ ହୋଇଛି ? କ’ଣ ପାଇଁ ତୋର ଏ ନିର୍ବାସନ ସେ ସମ୍ପର୍କରେ ମୁଁ ସବୁ ଜାଣିସାରିଲିଣି ମା’ । ତୁ ଆଦୌ ଦୁଃଖ କରନା, କି ନୟନରୁ ଅଶ୍ରୁ ଝରାନା । ଏହାଦ୍ୱାରା ତୋର ଅମଙ୍ଗଳ ହେବା ସଂଗେସଂଗେ ତୋ ଗର୍ଭରେ ଖେଳୁଥିବା ରଘୁବଂଶର ଭବିଷ୍ୟତର ମଧ୍ୟ ଅମଙ୍ଗଳ ହେବ । ଶୋକ ତ୍ୟାଗ କର ମା’ । ତୋ ପିତା, ତୋ ଶଶୁର ମୋର ଆତ୍ମୀୟ । ମୁଁ ମୁନି ବାଲ୍ମିକୀ । ଏଇଟା ମୋର ଆଶ୍ରମ । ତୁ ଏଠାରେ ଅତ୍ୟନ୍ତ ସୁଖରେ ଜୀବନଯାପନ କରିବୁ । ଅନୁକମ୍ପା, ମୁନିକୁମାରୀମାନେ, ରାଜନନ୍ଦିନୀ ସୀତାଙ୍କ ହାତଧରି ତୁମେମାନେ ତାଙ୍କୁ ଆଶ୍ରମକୁ ନେଇ ଆସ । ଆଜିଠାରୁ ସେ ଅଯୋଧ୍ୟାର ରାଜବଧୂ ନୁହେଁ କି ଜନକ ନନ୍ଦିନୀ ନୁହେଁ, ସେ ତପସ୍ୱୀ ବାଲ୍ମିକୀର କନ୍ୟା ‘ତପସ୍ୱିନୀ’ ।

‘ତପସ୍ୱିନୀ’ ଚମକି ଉଠିଲେ ଅନୁକମ୍ପା ସହିତ ମୁନିକନ୍ୟା ମାନେ ।

ହଁ ହଁ ‘ତପସ୍ୱିନୀ’ । ତୁମେମାନେ ତାକୁ ତପସ୍ୱିନୀ ବେଶରେ ସଜାଇ ଦେବ । କାଲିଠାରୁ ଝିଅ ମୋର ତପସ୍ୱିନୀଟିଏ ସାଜି ତୁମରି ମାନଙ୍କ ଗହଣରେ ବିତାଇବ ଅବଶିଷ୍ଟ ଜୀବନ । ଅନୁକମ୍ପା ତଥା ମୁନିକନ୍ୟା ମାନଙ୍କୁ ଏହିବାଣୀ ଶୁଣାଇଦେଇ ସେଠାରୁ ବିଦାୟ ନେଇଥିଲେ ବାଲ୍ମିକୀ ।

ଅନୁକମ୍ପା ସୀତାଙ୍କ ହସ୍ତଧରି ତଳୁ ଉଠାଇଥିଲେ ।

ଅନୁକମ୍ପାଙ୍କ ପାଦଛୁଇଁ ପ୍ରଣାମ କରି ସୀତା କହିଥିଲେ, ‘ଆଜି ଠାରୁ ତୁମେ ମୋର ମା’ । ମିଥିଳାରେ ଛାଡ଼ି ଆସିଥିବା ମୋର ମା’ ତଥା ଅଯୋଧ୍ୟାରେ ଥିବା ମୋର ଶାଶୁ ମାନଙ୍କ ଠାରୁ ପାଇଥିବା ସ୍ନେହ, ଶ୍ରଦ୍ଧା ମୁଁ ଆପଣଙ୍କ ଠାରୁ ପାଇବି ।

ହଁ ମା’ ସୀତା ! ଆଜିଠାରୁ ତୁ ମୋର ଝିଅ । ତୁ ମୋର ଆଶ୍ରମ ବାସିନୀ କନ୍ୟା ତପସ୍ୱିନୀ । ଆସ କୁମାରୀମାନେ ସୀତାଙ୍କ ହାତଧରି ଆଶ୍ରମକୁ ବାଟ କଢ଼ାଇନିଅ । ଅନୁକମ୍ପାଙ୍କ ଆଜ୍ଞା ପାଇ ମୁନିକନ୍ୟାଗଣ ଅତ୍ୟନ୍ତ ଆନନ୍ଦିତ ହୋଇ ସୀତାଦେବୀଙ୍କ ହସ୍ତଧରି ଆଶ୍ରମ ଦିଗକୁ ପାଦ ବଢ଼ାଇଥିଲେ ।

(କ୍ରମଶଃ)

♥ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

# ନୀତି-ଅନୀତି-ଦୁର୍ନୀତି

### ଡ. ଶିଶିର କୁମାର କର

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସମାଜ ଗୋଟିଏ ରେଖା ଟାଣେ । ଏହାକୁ ଡେଇଁଲେ ଅନୀତି, ରେଖା ପଛରେ ରହିଲେ ନୀତି । ‘ଅମାବାସ୍ୟାର ଚନ୍ଦ୍ର’ ଉପନ୍ୟାସରେ ବାରିଷ୍ଟର ଗୋବିନ୍ଦ ଦାସ ଲେଖିଛନ୍ତି- ଅଙ୍ଗୁର ଖାଅ, ସ୍ୱାସ୍ଥ୍ୟପକ୍ଷେ ହତିକର, କିନ୍ତୁ ଅଙ୍ଗୁର ରସକୁ ସିଦ୍ଧକରି ଗିଲାସ ଭିତରେ ପିଅ, ତୁମେ ହେବ ମଦ୍ୟପ । ଏକ ନାରୀକୁ ଉପଭୋଗ କର ସମାଜ ତୁମକୁ କହିବ ସ୍ୱାମୀ । ଅଧିକ ନାରୀକୁ ଉପଭୋଗ କର ସମାଜ କହିବ ଲମ୍ପଟ ।

ଅତୀତରେ ବୈଦିକ ମତେ ବିବାହକୁ ସମାଜ ସ୍ୱୀକୃତି ପ୍ରଦାନ କରିଥିଲା । ସମୟ କ୍ରମେ କୋର୍ଟ ମେରେଜ୍‌କୁ ମଧ୍ୟ ନୀତିଗତ ଭାବେ ଗ୍ରହଣ କରାଗଲା । ଏବେ ସମଲିଙ୍ଗୀ ବିବାହକୁ ନୀତିର ମାନ୍ୟତା ଦେବାପାଇଁ କିଛି ବୁଦ୍ଧିଜୀବୀ ଲାଗିଛନ୍ତି । ତାହେଲେ ଗତାନୁଗତିକ ରାସ୍ତାକୁ ପରିତ୍ୟାଗ କରି ଏକ ନୂତନ ରାସ୍ତାରେ ଯିବା କ’ଣ ପ୍ରଗତି କି? ଏସବୁ କଥା ମୁଣ୍ଡକୁ ଗୋଳମାଳିଆ କରି ଦେଉଛି । ତେଣୁ ସବୁଜ ଯୁଗର ଜନୈକ ସ୍ରଷ୍ଟା ଲେଖିଛନ୍ତି- ‘ଅପଥେ ମୁଁ ଯିବି, ଅପଥେ ମୁଁ ଯିବି, କରପଛେ ମୋତେ ତିରସ୍କାର ।” ଏହା ଯଥାର୍ଥ ଥିଲା କି? ଯଦି ଠିକ୍ ଥିଲା ତେବେ ସେମାନେ ପୁଣି ଜୀବନର ଅପରାହ୍ଣରେ ସ୍ୱର ବଦଳେଇ ଦେଲେ କାହିଁକି? “ବୃଦ୍ଧା ବେଶ୍ୟା ତପସ୍ୱିନୀ’ ନ୍ୟାୟରେ ନୁହେଁ ତ?

ଦୁର୍ନୀତି ଅର୍ଥ ମନ୍ଦନୀତି ବା ଦୁଷ୍ଟନୀତି । ପ୍ରାଚୀନ କାଳରେ ଦୁଇଟି ଜିନିଷ ପାଇଁ ଦୁର୍ନୀତି ହେଉଥିଲା । ଗୋଟିଏ ହେଉଛି ରାଜ୍ୟ ସମ୍ପତ୍ତି, ଧନ ଲୋଭ ଅନ୍ୟଟି ହେଲା ନାରୀକୁ ପାଇବାର ଲାଳସା । ରାବଣ, ଦୁର୍ଯ୍ୟୋଧନ, ମହିଷାସୁର, ହିଟ୍‌ଲର, ମୁସୋଲିନ୍, ଆଲେକ୍‌ଜାଣ୍ଡାର ଓ ସମ୍ରାଜ୍ୟବାଦୀ ଇଂରେଜମାନେ ହେଲେ ତା’ର ଉଦାହରଣ। ସଂପ୍ରତି ସେଇ ଦୁଇଟି ଜିନିଷକୁ ପାଇବା ପାଇଁ ଦୁର୍ନୀତି ହେଉଛି ନିଶ୍ଚୟ । ତା’ ସହିତ ପଦପଦବୀ, ଚାକିରି, ପୁରସ୍କାର ମୋହ, ପରିଶ୍ରମ ନକରି ଆମକୁ ବଢ଼ିବାର ନିଶା ଦୁର୍ନୀତିର କାରଣ ହୋଇଛି । ସେଥିପାଇଁ କ୍ରିକେଟ ବେଟିଂ, ସାଇବର୍ କ୍ରାଇମ୍, ଡିଜିଟାଲ ଆପ୍ ମାଧ୍ୟମରେ ଠକେଇ ମେଜିକ୍ କାଗଜରୁ ଟଙ୍କା ପାଇବାର ନିଶା, ରାତାରାତି ଦଳବଦଳ, ନକଲି ସାର୍ଟିଫିକେଟ୍ ପାଇଁ ନକଲି ପରୀକ୍ଷା, ରାତାରାତି ଧନୀ ହେବାପାଇଁ ଭଣ୍ଡବାବାଙ୍କ ଦ୍ୱାରା ଶିକାର, କେତେକ ଗଣମାଧ୍ୟମ ରାଜନୀତିକ ଦଳର ହାତବାରିସି ହେବା, ନକଲି ସାର୍ଟିଫିକେଟ୍ ଦେଇ ଚାକିରି କରିବା, ମାର୍କ ବଢ଼ାଇବା ଓ ମେଡିକାଲରେ ସିଟ୍ ପାଇବା ପାଇଁ ଠକଙ୍କୁ ଟଙ୍କା ଦେବା ପ୍ରଭୃତି ଦେଖିବାକୁ ମିଳୁଛି । ଏସବୁ ସଚେତନତାର ଅଭାବ ନାଁ ଅତ୍ୟଧିକ ଲୋଭର ବିଷମୟ ପରିଣତି ତାହା ବୁଝା ପଡୁନାହିଁ । ପୋଷ୍ଟାଲ ଡିପାର୍ଟମେଣ୍ଟରେ ନିଯୁକ୍ତି କ୍ଷେତ୍ରରେ କେତେକ ପିଲା ଶତପ୍ରତିଶତ ନକଲି ମାର୍କ ରଖିଥିବାର ଦେଖାଗଲା । ତେଣୁ ମେଧାବୀ ପିଲାଟିଏ କାହିଁକି ଅଧିକ ପରିଶ୍ରମ କରିବ? ଜାଣିଜାଣି ଆମେ ପ୍ରତିଭାର କଢ଼ିକୁ ମଉଳାଇ ଦେଉଛୁ ।

ଆଜି ଏମିତି ସମୟ ଆସିଛି ଦୁର୍ନୀତି ହିଁ ଶେଷରେ ନୀତିରେ ପରିଣତ ହେବାକୁ ଯାଉଛି । ଡ. ହରେକୃଷ୍ଣ ମହତାବ ଯଥାର୍ଥରେ ‘ଗାଁ ମଜଲିସ’ ପୁସ୍ତକରେ ଲେଖିଥିଲେ- ‘ଆଗରୁ ବସ୍ତେ ଧାନ ଭିତରେ ମୁଠାଏ ଗୋଡ଼ି ମିଶୁଥିଲା । ତେଣୁ ତାକୁ ସହଜରେ ଖୁଣ୍ଟି ଦେଇ ହେଉଥିଲା । ବର୍ତ୍ତମାନ ବସ୍ତେ ଗୋଡ଼ି ଭିତରେ ମୁଠାଏ ଧାନ ରହିଛି, ତେଣୁ ଧାନକୁ ଖୁଣ୍ଟି ବାହାର କରି ଦେବା ହିଁ ସହଜ ହେବ ।’

ପ୍ରତିଦିନ ଖବର କାଗଜ ପୃଷ୍ଠାରେ ଆଖି ପକାଇବା ବେଳକୁ ପଢ଼ିବାକୁ ମିଳୁଛି କ୍ରାଇମ୍ ବ୍ରାଞ୍ଚ୍ ଇଡି କନେଷ୍ଟବଳ, କିରାଣୀ, ଉଚ୍ଚପଦସ୍ଥ ଅଫିସର, କ୍ରୀଡ଼ା ଶିକ୍ଷକ, ବିଡିଓ, ତହସିଲଦାର, ବ୍ୟାଙ୍କ ଚାକିରିଆଙ୍କଠାରୁ ଲକ୍ଷଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରୁଛି । ତା’ହେଲେ ଦେଶରେ କ’ଣ ଶାସନ ବ୍ୟବସ୍ଥା ଅଚଳ? ଆଗରୁ ବଡ଼ବଡ଼ ସ୍କାମ୍ କଥା ଶୁଣିବାକୁ ମିଳୁଥିଲା । ହେଲେ ବର୍ତ୍ତମାନ ସମାଜର ସବୁ ବର୍ଗର ବ୍ୟକ୍ତି ଦୁର୍ନୀତିରେ ଜଡ଼ିତ ହେବା ଦୁଃଖ ଓ କ୍ଷୋଭର କାରଣ ଅଟେ । ବ୍ୟକ୍ତି ଦୁର୍ନୀତିଗ୍ରସ୍ତ ହେଲେ ସ୍ୱତଃ ଦେଶ ଓ ଜାତି ଦେବାଳିଆ ହୋଇଯିବ । ସାଧୁ ସଚ୍ଚୋଟ ଲୋକ ଆଉଟ୍‌ଡେଟେଡ୍ ବୋଲି ପରିଗଣିତ ହେବେ । କାହାକୁ ବିଶ୍ୱାସ କରିହେବ ନାହିଁ । ଏମିତିକି ସରକାରଙ୍କ ଯେକୌଣସି ପରିସଂଖ୍ୟାନ ଭିତରେ ଦୁର୍ନୀତି ଥିବାର ସନ୍ଦେହ ବଢ଼ିବା ସ୍ୱାଭାବିକ ।

ଏଥିପାଇଁ ପେଷାଦାର ଅନାଦର୍ଶଧର୍ମୀ ସାହିତ୍ୟ, ଚଳଚ୍ଚିତ୍ର, ଟିଭି ସିରିଏଲ, ଯାତ୍ରାନାଟକ ଓ ବେକାରୀ ଅନେକାଂଶରେ ଦାୟୀ । କାରଣ ଏଥିରେ ଆମେସବୁ ଦେଖୁଁ ଅଭିନବ ଢଙ୍ଗରେ ଚୋରୀ, ଅପୂର୍ବ ରୀତିରେ ଠକେଇ, ହରଣ୍‌ଚାଲ, କିଳାପୋତେଇ/ ଯୌନ ନିର୍ଯ୍ୟାତନା, ସାଇବର କ୍ରାଇମ୍ ଇତ୍ୟାଦି । ଯେଉଁଥିରେ ପୋଲିସ ଲାଞ୍ଚୁଆ, ଓକିଲ ଠକ, ଜଜ୍ ଅସାଧୁ, ଡାକ୍ତର ମଣିଷର ଦୁର୍ଲ୍ଲଭ ଅଙ୍ଗପ୍ରତ୍ୟଙ୍ଗର ବେପାରୀ ଭାବରେ ଚିତ୍ରିତ ହୋଇଥାଏ । ଏସବୁ ଦେଖି ଯୁବଗୋଷ୍ଠୀ ପ୍ରଭାବିତ ହେବା ସ୍ୱାଭାବିକ । ଛୋଟ ପିଲାମାନେ ବୋକା ପୋଲିସ ଅପେକ୍ଷା ଚତୁର ଚୋରକୁ, କର୍ମଠ ସାଧୁ ଚାକିରିଆଙ୍କ ଅପେକ୍ଷା ଚାରିଶବିଶ୍ ଚରିତ୍ରକୁ ପସନ୍ଦ କରୁଛନ୍ତି । ଫଳରେ ନିଜ ଜୀବନରେ ସେହି ଚରିତ୍ରକୁ ପ୍ରତିଫଳିତ କରିବାକୁ ଚେଷ୍ଟା କରିବା କିଛି ଅସ୍ୱାଭାବିକ ନୁହେଁ ।

ଏହାର ନିରାକରଣ ପାଇଁ ବ୍ୟକ୍ତି, ଜାତି, ଦେଶ, ପ୍ରଶାସନ, ଗଣମାଧ୍ୟମ, ସାହିତ୍ୟିକ, ସାଧୁ, ସନ୍ଥ ସମସ୍ତେ ଏକ ହେବା ଉଚିତ । ନହେଲେ ଜାତିର ପିତା ଗାନ୍ଧିଜୀଙ୍କ ରାମରାଜ୍ୟ ରାବଣ ରାଜ୍ୟରେ ପରିଣତ ହେବ । ତେଣୁ ବେଳ ଥାଉଁ ଥାଉଁ ପ୍ରତ୍ୟେକ ବ୍ୟକ୍ତି ନିର୍ଲୋଭ ଓ ସଚେତନ ହେବା ଆବଶ୍ୟକ । (କ୍ରମଶଃ)

♥ ଶ୍ରୀ ନିବାସ, ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ: ୯୭୭୮୫୪୩୮୯୭

## ଆମ ସମୟର କବିତା.....

### ।। ସମୁଦ୍ର ।।
ଗିରିଜା ଶଙ୍କର ଶର୍ମା



ବିସ୍ତୃତ ତୋ ବେଳାଭୂମି, ଆଖି ପାଏ ନାହିଁ
ଯୁଆଡ଼େ ଦେଖିଲେ ତୋ କାୟା ବ୍ୟାପିଥାଏ
ତୁ ମହାନ୍ ସର୍ବବ୍ୟାପି ଈଶ୍ୱରଙ୍କ ସତ୍ତା
ତୋତେ ଦେଖିଲେ ଆନନ୍ଦରେ
ପ୍ରଫୁଲ୍ଲିତ ମନ।
ତୋ ହାତ ଲମ୍ବି ଆସେ ବାରମ୍ବାର
ବେଳାଭୂମିକୁ ସାଉଁଳି
ଫେରିଯାଏ ବାରମ୍ବାର।

ସଦା ସର୍ବଦା ତୁ ଅସ୍ଥିର
ତୋର ଜଳରାଶି ସବୁବେଳେ
ସିକ୍ତ କରେ ବାଲୁକାକୁ।
ତୁ ଭୀମ, ତୁ ଭୟଙ୍କର
ତୁ କୂଳ ଲଂଘିଲେ, ଭାସିଯାଏ ଘର,
ନଗ୍ର, ଦ୍ୱାର।
ତୋ ପରିଧି ଭିତରେ ତୁ କମନୀୟ
ତୋ ନୀଳ ଜଳରାଶି
ଅପୂର୍ବ ଶୋଭାର ଭଂଣ୍ଡାର।

ବାଲୁକାପୂର୍ଣ୍ଣ ତୋର ବେଳାଭୂମି
ଯୁଆଡ଼େ ଦେଖିଲେ
ଖାଲି ବାଲି ଆଉ ବାଲି
ସେପଟେ ତରଙ୍ଗାୟିତ ସମୁଦ୍ର
ଖାଲି ପାଣି ଆଉ ପାଣି।
ମରୁଭୂମି ସହ ମରୁଦ୍ୟାନର ଅପୂର୍ବ ମିଳନ
ସୃଷ୍ଟିର ବିଚିତ୍ର ବିଧାନ।

ସମୁଦ୍ର! ତୋଠାରୁ ଶିଖିବାର ଅଛି
ବଂଚିବାର କଳା
ତୁ ଯେମିତି ଲାଗିଥାଉ ତୋ କାମରେ
ତରଙ୍ଗାୟିତ ହେଉଥାଉ କ୍ଷଣେ ଅନୁକ୍ଷଣେ
ତୋ ଚେଷ୍ଟାର ଅନ୍ତ ନାହିଁ,
ବିରାମ ବି ନାହିଁ।
ସମସ୍ତଙ୍କୁ ଶିଖିବାର ଅଛି
ତୋର ଏଇ କଳା
ତୁ ସଦା ପବିତ୍ର।
ତୋ କଳୁଷ ତ୍ୟାଗ କରୁ
ବେଳାଭୂମି ପରେ
ଶୁଦ୍ଧ ହେଉ ପ୍ରତି ମୁହୂର୍ତ୍ତରେ

ଆମେ ବି ତୋପରି ହେବା
ତୁ ସମସ୍ତଙ୍କୁ ଖୁସି ଦେଉ,
କ୍ଲାନ୍ତ ମନ ଶାନ୍ତ ହୁଏ ତୋତେ ଦେଖି।
ମଣିଷ ବି ଚେଷ୍ଟା କରୁ ତୋପରି
ହେବାକୁ
ଅନ୍ୟକୁ ଶାନ୍ତିରେ ବଂଚିବାକୁ ଦେଇ
ନିଜେ ଶାନ୍ତିରେ ବଂଚିବାକୁ।

♥ ସୋନାପାଲି, ଧନକଉଡ଼ା
ସମ୍ବଲପୁର-୭୬୮୦୦୬
ମୋ: ୯୪୩୭୦୮୮୬୦୨

### ।। ଅଦୃଶ୍ୟ ମମତା ।।
ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ



କେବେ ଖେଳେ ପୁଚି ଜହ୍ନ ରାଇଜରେ
କେବେ ଅଦିନିଆ ହୋଲି,
ନାଚିଯାଏ ମନ ହାତ ପାହାନ୍ତାରେ
ତୋତେ ମୁଁ ପାଇଛି ବୋଲି।

କି ମାୟା କଲୁ ତୁ ମୋ ଉପରେ, ଦଣ୍ଡେ
ପାରୁନାହିଁ ତୋତେ ଭୁଲି,
ଜାଗ୍ରତେ ଶୟନେ ବିନା ଆମନ୍ତ୍ରଣେ
ମୋ ମନକୁ ଆସୁ ଚାଲି।

ବୁଝାଇ କହ ତୁ ଇଏ କେଉଁ ବ୍ୟାଧି
ଏହାର କି ଉପଚାର ?
ତୋତେ ଦିବା ନିଶି ଭାଳୁଅଛି ବସି
ସତେ ମୁଁ କେଡ଼େ ନାଚାର।

ଏ କି ହେଲା କଥା ଅଦୃଶ୍ୟ ମମତା
ରଜ୍ଜୁରେ ପଡ଼ିଲି ବନ୍ଧା,
ଭାଙ୍ଗି ନ ପାରିବି ଯେତେ ଆସିଲେବି
ଏ ମମତା ପଥେ ବାଧା।

♥ ସହଦେବଖୁଣ୍ଟା, ବାଲେଶ୍ୱର
ପିନ୍ - ୭୫୬୦୦୧
ମୋ: ୭୭୮୮୯୭୭୨୭୬



### ।। ଲୁହ ପଛର ଛାଇ ।।
ପୂର୍ଣ୍ଣ ଦାସ

ପ୍ରେମକୁ ମୋ କଲ ମୂଲଚାଲ ହେଲେ
ମଉନ ମୁଁ ହୋଇଗଲି,
ବରଷାକୁ କରି ଭରସା ଶେଷେ ମୁଁ
ଲୁହହୋଇ ବହିଗଲି ।

ଲୁହାଠାରୁ ଭାରି ଆଖିଲୁହ ଗୋରୀ
ସହି ପାରେନାଇଁ ପତା,
ପତାତଳୁ ଥାଇ କହେ ଲୁହନଈ
ଦରଦୀ ମନର ବ୍ୟଥା ।

ଫୁଟାଡଙ୍ଗା ମୋର ବାହି ଚାଲିଛି ମୁଁ
ଶୋଚନା ନାହିଁ ଗୋ ତିଳେ,
ବୁଝିଗଲି, ଭଲପାଇବାର ସ୍ମୃତି
ଜାଳିଦିଏ ବେଳେବେଳେ ।

ଦାନ ପକେଇଲି, ଗୋଟି ଚଳେଇଲି
ଆଗକୁ ଆଗକୁ ଗଲି,
ସଭିଙ୍କୁ ଜିଣିଲି, ଜିତି ପାରିଲିନି
ନିଜପାଖେ ହାରିଗଲି ।

ମୁଁ ଗୋ ଇତିହାସ ଲେଖା ତୋ ଛାତିରେ
ଜନମ ଜନମ ପାଇଁ,
ମତେ ତୁ ପଢ଼ିଚୁ, ମୁଁ ତତେ ପଢ଼ିଚି
ଆଉକିଛି ଲୋଡାନାଇଁ ।

♥ କଣ୍ଡାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
ମୋ: ୯୩୩୭୫ ୪୮୮୯୩

### ।। ବଉଳା ଗାଈ କଥା ।।
ହରିଶ୍ଚନ୍ଦ୍ର ବେହେରା



ସବୁଦିନ ପରି
ସେଦିନ ବି ବଉଳା ଯାଇଥିଲା ଜଙ୍ଗଲକୁ ଚରି
ତା’କଅଁଳା ଛୁଆକୁ କ୍ଷୀର ଦେବ
ସଞ୍ଜ ବୁଡ଼େ ଆସୁଥିଲା ଫେରି

କ୍ଷୁଧାରେ ଡହଳ ବିକଳ ଜଙ୍ଗଲର ବାଘ
ବାଟ ଓଗାଳି ଠିଆ ହେଲା
ଆ ଆ ବଉଳା ଲୋ ମୋ ପେଟରେ ଅପ୍ରମିତ ଭୋକ

ସକାଳ ପହରୁ ଆସିଲିଣି ଛାଡ଼ି ମୋର କଅଁଳା ଛୁଆକୁ
ତୋ ପରି ସେ ବି ଭୋକରେ କେଡ଼େ ଡହଳ ବିକଳ ହେଉଥିବ
ଖାଇବୁତ ରହ ରହ ମୋ ଛୁଆକୁ କ୍ଷୀର ଦେଇ ଆସେ
ଦେଖୁନୁ କେମିତି ଟଣ ଟଣ ହେଉଛି ମୋ କ୍ଷୀର ବେଣ୍ଟି
ଦୁଧ ପିଏଇ ଫେରି ଆସିବି କଥା ଦେଉଛି
ତାପରେ ତୋ ଇଛା

ବାଘ ଦେଖିଲା ବଉଳା ଆଖିରେ ଝଲମଲ
କେଇ ଟୋପା ଲୁହ
ଦିଶିଲା ତା’କଅଁଳା ଛୁଆର କାନ୍ଦ କାନ୍ଦ
ଭୋକ- ଝାଉଁଳା ମୁହଁ
ହଉ ଯା’
କଥା ଦେଇଛୁ ରଖିବୁ
ତୁ ନ ଆସିବା ଯାଏ ବସି ରହିଲି ଏଇଠି
ନ ହେଲେ.....

ନ ଆସିଲେ ଆଉ କ’ଣ ହେବ
ସମସ୍ତଙ୍କୁ ତ ଜୀବନର ମାୟା ଟାଣେ
ମମତାର ମୁହାଁଣରେ ଅନ୍ଧୁଣି ପାଲଟି ଯାଏ ସତ୍ୟ ପାଖରେ
ଆସନ୍ତା କା’ଲି ବି କ୍ଷୀର ପାଇଁ ବାଉଳି ହେବ ତା’ ଛୁଆ
ବାଘ ମନରେ ଏମିତି କେତେ ପ୍ରଶ୍ନ ଉଙ୍କି ମାରୁଥିବା ବେଳେ
ପ୍ରଶ୍ନ ଚିହ୍ନ ପାଖରେ ହଠାତ୍ ଆସି ଠିଆ ହେଲା ବଉଳା

ସତେ ତୁ ଫେରି ଆସିଲୁ !!
ତୋ କଅଁଳା ଛୁଆକୁ କେଉଁ ବୋଧ ଦେଇ ଆସିଲୁ ମା’ ମୋର
ଜଣେ ହାରି ଯାଇଥିବା ସୈନ୍ୟ ପରି ମୁଣ୍ଡ ନୁଆଇଁ ଠିଆ ହେଲା ବାଘ
କହିଲା, ଏ ପୁଅକୁ କ୍ଷମା କରିଦେ ମା’
ଯା’ ଟିକି ଛୁଆଟି କେତେ ଖୋଜୁଥିବ ତୋତେ
ସତ୍ୟ ରକ୍ଷା କରିଛୁ ବୋଲି ଚିରକାଳ ତୁ ମା’

ପୂର୍ବ ଆକାଶରୁ ଉଇଁ ଆସୁଥିଲା ପୂନେଇ ଜହ୍ନ
ସେଇ ଜହ୍ନ ଆଲୁଅରେ ବାଘର ମୁହଁ ଦିଶୁଥିଲା
ତଥାଗତଙ୍କ ମୁହଁ ପରି ସ୍ନିଗ୍ଧ କରୁଣାମୟ ।

♥ କଲ୍ୟାଣ ନଗର, ବାଲେଶ୍ୱର -୧
ମୋ -୯୪୩୭୮୧୩୭୦୮

# ସୁଧାମୟ ସୃଷ୍ଟି ଓ ଅମୃତ ସନ୍ତତି

କାଳୀପଦ ପଣ୍ଡା



ଓଡ଼ିଶାର ଭକ୍ତକବି ତଥା ଜୀବନବାଦୀ ଲେଖକ ଶିକ୍ଷକ ମଧୁସୂଦନ ରାଓଙ୍କର ଏକ କବିତାରେ ସମଗ୍ର ମାନବଗଣଙ୍କୁ ଯେଉଁ ନିବେଦନ ରଖିଛନ୍ତି, ତାହା ସବୁ କାଳରେ ବିଶ୍ୱମାନବଙ୍କୁ ପ୍ରଚୋଦିତ କରିଆସୁଛି । ସେ ଲେଖିଛନ୍ତି -

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତ ପ୍ରାୟ
ଜାଗ ନରନାରୀ ଅମୃତ ସନ୍ତତି
ପିଅ ସେ ଅମୃତ ପୟର ।"

ସତରେ, ଏ ସୃଷ୍ଟି ମଧୁମୟ, ଅମୃତମୟ । ଏଠାରେ ଅସଂଖ୍ୟ ଗଛବୃଛଠାରୁ ଆରମ୍ଭକରି ଅଗଣନ କୀଟପତଙ୍ଗ, ପଶୁପକ୍ଷୀଙ୍କ କଳରବ, ପୁଷ୍ପର ସୁଗନ୍ଧ, ଝରଣାର କୁଳୁକୁଳୁ ନାଦ, ବିସ୍ତୀର୍ଣ୍ଣ ବେଳାଭୂମିର ମନୋରମ ଦୃଶ୍ୟ, ନୀଳବୀଚିମାଳା, ପାହାଡ଼ପର୍ବତ ଓ ଶୃଙ୍ଗରାଜିର ଉପସ୍ଥିତି ସହ ବର୍ଷ ମଧ୍ୟରେ ଷଡ଼ଋତୁ ଧରାପୃଷ୍ଠରେ ଯେଉଁ ନବନବ ଶୋଭାକୁ ନେଇ ଆସେ, ସେଇ ପ୍ରକୃତିରୂପୀ ରାଣୀର ଆକର୍ଷଣରେ କିଏ ବା ଆନମନା ନ ହୁଏ । ଭିନ୍ନ ଭିନ୍ନ ଭୂଖଣ୍ଡରେ ପ୍ରକୃତି(ଧରିତ୍ରୀମାତା)ର ସୁଷମା ସଦା ପ୍ରଲୁବ୍ଧ କରାଏ । ପ୍ରକୃତି ହିଁ ତ ଈଶ୍ୱର । ପ୍ରକୃତିର ଅନନ୍ୟ ଦାନରେ ଏ ଜୀବଜଗତ, ପ୍ରାଣୀଜଗତ ଓ ଉଦ୍ଭିଦଜଗତ ଚରି ଚଞ୍ଚଳ । ଏଇ ସୃଷ୍ଟି ସଦା ଅମୃତମୟ । ଜଗତର ମହାନ ବ୍ୟକ୍ତିଗଣ ଏଇ ମର୍ତ୍ତ୍ୟଧାମକୁ ବାରମ୍ବାର ଆସିବାର ଇଚ୍ଛା ପ୍ରକାଶ କରିଛନ୍ତି । ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଠାରୁ ଆରମ୍ଭକରି ଓଡ଼ିଶାର ବହୁ କାଳଜୟୀ ସ୍ରଷ୍ଟା ପୁନର୍ଜୀବନ ଲାଭ କରି ଏ ସୁନ୍ଦର ଭୁବନକୁ ଫେରିବା ପାଇଁ ସେମାନଙ୍କ କାବ୍ୟ-କବିତାରେ ଉଦ୍‌ଘୋଷଣା କରିଛନ୍ତି ।

ଭକ୍ତକବି ମଧୁସୂଦନ ରାଓ ତାଙ୍କର ଅନ୍ୟ ଏକ ଭକ୍ତିମୂଳକ ସ୍ତବ ମଧ୍ୟରେ ଉଚ୍ଚାରିଛନ୍ତି -

"କି ସୁନ୍ଦର ଆହା, କି ଆନନ୍ଦ ମୟ, ଏହି ବିଶାଳ ସଂସାର ।
ଧନ୍ୟ ମହାପ୍ରଭୁ, ମହିମା ତୁମ୍ଭର, ଅଟେ ଅନନ୍ତ ଅପାର ।
ସୂର୍ଯ୍ୟ, ଚନ୍ଦ୍ର ତାରା, ତୁମ୍ଭର ଆଜ୍ଞାରେ, ବରଷନ୍ତି ଜ୍ୟୋତିଃରାଶି ।
ତୁମ୍ଭରି କୁସୁମ, ପ୍ରତି ପ୍ରଭାତରେ, ହସଇ ଆନନ୍ଦେ ଭାସି ।
ପିତା, ମାତା, ବନ୍ଧୁ, ଭାଇ, ଭଗିନୀର ହୃଦୟେ ଦେଇଛ ପ୍ରୀତି ।
ତେଣୁ ମୁଁ ସଂସାରେ, ରହିଛି ଆନନ୍ଦେ, ସୁଖ ଭୁଞ୍ଜି ନିତି ନିତି ।
ଦିଅ ଭକ୍ତି ପ୍ରଭୁ, ହୃଦୟେ ମୋହର, ବିରାଜ ନିତ୍ୟ ତହିଁରେ ।
ସତ୍ୟପଥେ ରହି, ତୁମ୍ଭରି ଆଶ୍ରାରେ, ଯାଉ ମୋ ଦିନ ମହୀରେ ।"

ଏହି ସ୍ତବ ମଧ୍ୟରୁ ମଣିଷ ଏଇ ଜଗତରେ ତିଷ୍ଠି ରହିବା ପାଇଁ ଯେଉଁ ସୁଧାମୟ ସୃଷ୍ଟିରସ ପାନକରି ଜିଇଁ ଚାଲିଛି ତହିଁରେ ସେ ସମସ୍ତ ସୃଷ୍ଟିର ସୃଷ୍ଟିକର୍ତ୍ତାଙ୍କ ପ୍ରତି ସଦା ସମର୍ପିତ ରହି ତାଙ୍କ ସୃଷ୍ଟ ଏହି ଜଗତକୁ କ୍ଷୟିଷ୍ଣୁ ନ କରି କିଭଳି ତା'ର ସ୍ଥିତାବସ୍ଥା ରକ୍ଷା କରିପାରିବ ସେ ଦିଗରେ ଯତ୍ନଶୀଳ ହେଲେ ସୃଷ୍ଟିକର୍ତ୍ତା ହୁଏତ ଏ ଜଗତ ପାଇଁ ଆହୁରି ଅମୃତମୟ ସୃଷ୍ଟିମାନ ଭରି ଦେଇପାରନ୍ତି । ଏଠାରେ ମନେପକାଯାଇପାରେ ଯେ, ଆମ ଭାଷା-ସାହିତ୍ୟର ପ୍ରଣମ୍ୟ ସ୍ରଷ୍ଟା ସ୍ୱଭାବକବି ଗଙ୍ଗାଧର ମେହେର ସଂସାରର ସକଳ ଜଞ୍ଜାଳ ସତ୍ତ୍ୱେ, ଏ ଜଗତ ଯେ ସଦା ମଧୁମୟ ତାହା କହିବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । ସେହି ମହାନ କବିଙ୍କ ଭାଷାରେ-

"ବିଶ୍ୱ ଦେଖ ମଧୁମୟରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ ।।"

ଗ୍ରୀଷ୍ମର ଦାବାନଳକୁ ସହ୍ୟ କରି ମଣିଷ ବର୍ଷାର ଆଗମନରେ ଯେଭଳି ଆଶ୍ୱସ୍ତି ଅନୁଭବ କରି କୃଷିକର୍ମଠୁ ନାନା ଉତ୍ପାଦନ କାର୍ଯ୍ୟରେ ଲାଗି ପଡ଼ିଥାଏ, ସେହିଭଳି ଭାବେ ଶରତ ଓ ହେମନ୍ତ ଭଳି ଋତୁର ଆଗମନରେ ପୁଲକିତ ହୋଇଉଠେ ତା'ର ତୁନ ମନ । ଋତୁରାଜ ବସନ୍ତ ଯେତେବେଳେ ଧରାପୃଷ୍ଠକୁ ଆଗମନ କରେ ସେତେବେଳେ ଆମ୍ର ବକୁଳର ଭୁରୁଭୁରୁ ବାସ୍ନା, କୋଇଲିର କୁହୁକୁହୁ ତାନ ଭିତରେ ନବପଲ୍ଲବଯୁକ୍ତ ପୁଷ୍ପରାଜିରେ ବିମଣ୍ଡିତ ହୁଏ ନାନା ବୃକ୍ଷରାଜି । ନବଶଶୀ ପରି ଲୋହିତବର୍ଣ୍ଣା ପଳାଶପୁଷ୍ପ ବିକଶିତ ହେବା ସହ ଅଶୋକବୃକ୍ଷ ନବପଲ୍ଲବରେ ବିମଣ୍ଡିତ ହୁଏ । ନବୋଦିତ ସୂର୍ଯ୍ୟର ରାଗକୁ ପ୍ରସାଧନ ସାମଗ୍ରୀ ରୂପେ ଲଗାଇ ଅଧରକୁ ନବଆମ୍ର କିଶଳୟରେ ରଞ୍ଜିତ କରି ବସନ୍ତ-ଲକ୍ଷ୍ମୀ ଶୋଭାପାଏ ମର୍ତ୍ତ୍ୟମଣ୍ଡଳରେ । ଏହାକୁ ମଧୁଋତୁ ଭାବେ କୁହାଯାଇଥାଏ। ଏହି ସମୟରେ ଚଇତାଳି ବାୟୁ ବସନ୍ତଋତୁର ବିଭାବନା ହୋଇ ଅହରହ ବହି ଚାଲିଥାଏ । ଶୃଙ୍ଗାର ଦେବତା, କାମଦେବଙ୍କର ତୁନ ବା ଅଙ୍ଗ ନ ଥିବାରୁ ସେ ଅନଙ୍ଗ । ମାତ୍ର ମଳୟର ଚୋରା ପରଶରେ ଅତନୁ ମୂର୍ତ୍ତିମାନ ହୋଇ ଅଙ୍ଗେଅଙ୍ଗେ ବେପଥୁ ଖେଳାଇ ଦିଅନ୍ତି । ବସନ୍ତକୁ ଦୂତ ରୂପେ ପ୍ରେରଣ କରି କାମଦେବ ଏହି ଜୀବଜଗତରେ ଅବତରଣ କରନ୍ତି । ଆମ ଶାସ୍ତ୍ରାନୁଯାୟୀ- ବସନ୍ତଋତୁକୁ ଘୃତ, ଗ୍ରୀଷ୍ମଋତୁକୁ ସମୀଧ, ଶରତଋତୁକୁ ଯଜ୍ଞପିଷ୍ଟକ ରୂପେ ପରିକଳ୍ପିତ କରାଯାଇ ଆସିଛି । ମାନବର ସକଳ ଆନନ୍ଦ ପାଇଁ ପରମ ସୃଷ୍ଟିକର୍ତ୍ତା ଏତେ ଏତେ ପ୍ରସ୍ତୁତି କରି ରଖିଛନ୍ତି ଯେ, ତହିଁରୁ ଆମେ କେବଳ ଅମୃତ ଆସ୍ୱାଦନ କରି ଚାଲିଛୁ । ପ୍ରତିଟି ମଣିଷ ଭିତରେ ପ୍ରୀତି ରୂପକ ମଧୁ, ପ୍ରେମ ରୂପକ ଫୁଲ, ସ୍ନେହ ଓ ଭକ୍ତି ରୂପକ ଅର୍ଘ୍ୟ, ମମତା ରୂପକ ସିନ୍ଧୁ ଭରିଦେଇ ବନ୍ଧନର ଶକ୍ତ ଇମାରତ ଗଢ଼ିଛନ୍ତି । ଆମେସବୁ ଏହି ପ୍ରୀତି, ମମତା ଓ ସ୍ନେହର ବନ୍ଧନରେ ବାନ୍ଧି ହୋଇ ଚିରକାଳ ଜିଇଁ ଚାଲିଛୁ । ଯଦିଓ ଏହି ବନ୍ଧନ ଭିତରେ ବି ପାରିବାରିକ ଦାୟବଦ୍ଧତାକୁ ନିର୍ବାହ କରିବାକୁ ଯାଇ ଯନ୍ତ୍ରଣାକୁ ସମ୍ମୁଖୀନ ହେବାକୁ ପଡ଼େ, ତଥାପି ଏହି ବନ୍ଧନ ଯେ ଅତୁଟ, ତାହାକୁ ସବୁ କାଳରେ ସ୍ୱୀକାର କରାଯାଇଛି । ଏହି ପାରସ୍ପରିକ ବନ୍ଧନରେ ଭରି ରହିଥାଏ ବିଶ୍ୱାସରୂପୀ ଚାରାଟିଏ । ଯେଉଁଥିରେ ସମର୍ପଣ ରୂପୀ ସ୍ୱର୍ଣ୍ଣର ଅମୃତର ବାରିଧାରା ପ୍ରବାହିତ ହେଉଥାଏ ।

ଆମେସବୁ ଏହି ପାରିବାରିକ, ସାମାଜିକ, ସାଂସ୍କୃତିକ, ସଂହତିର ବନ୍ଧନରେ ବାନ୍ଧି ହୋଇ ଭବମଣ୍ଡଳରେ ସହାବସ୍ଥାନ କରିଚାଲିଛୁ । ଅଜଣା, ଅଚିହ୍ନା ପୁରୁଷଟିଏ ଜଣେ ନାରୀ ଭିତରେ ପ୍ରେମ ରୂପକ ବନ୍ଧନରେ ବାନ୍ଧି ହୋଇ ଅଭେଦ୍ୟ ପ୍ରାଚୀର ନିର୍ମାଣ କରେ । ଯେଉଁଥିରେ ଭରି ରହିଥାଏ ଅକଳନ ପ୍ରୀତିରୂପୀ ସୁହାଗର ଅଗୁରୁ ଚନ୍ଦନ । ବନ୍ଧନ ହିଁ ଜୀବନ, ବନ୍ଧନ ହିଁ ଶାନ୍ତି-ମୁକ୍ତି, ବନ୍ଧନ ହିଁ ଦିଏ ସକଳ ଦାୟିତ୍ୱବୋଧ ନିର୍ବାହର ପ୍ରେରଣାର ଉତ୍ସ । ତେବେ ସେହି ମହାନ ଭକ୍ତକବି ମଧୁସୂଦନ ରାଓଙ୍କର କାଳଜୟୀ ସୃଷ୍ଟିର ଆଉ ଏକ କାଳଜୟୀ ପଙ୍‌କ୍ତି ଭିତରୁ ଆମେ ଆମର ଧରାବତରଣ ଓ ପରଲୋକ ଗମନର ଅସଲ ରହସ୍ୟକୁ ଜାଣିପାରିବୁ ।

"ଯାହା ମୁଁ କରଇ, ଯାହା ମୁଁ କହଇ, ଯାହା ମୁଁ ଚିନ୍ତଇ ମନେ ।
ଜଗତର କର୍ତ୍ତା, ପରମ-ଈଶ୍ୱର, ଜାଣୁଛନ୍ତି ପ୍ରତିକ୍ଷଣେ ।"

ଅର୍ଥାତ୍ ମୁଁ ପ୍ରତି ମୁହୂର୍ତ୍ତରେ ଯାହା ଗୁପ୍ତରେ ବା ସର୍ବସମ୍ମୁଖରେ କରୁଛି, ତାହାର ପରିଣାମର ଫଳଭୋଗ ମୋତେ କରିବାକୁ ପଡ଼ିବ । କାରଣ, ସେ ଅଦୃଷ୍ଟକର୍ତ୍ତା ସବୁକୁ ଦେଖୁଛନ୍ତି । ସେ ଦୃଷ୍ଟିରୁ, ମଣିଷ ଯଦି ସେହି ଜଗତ୍‌କର୍ତ୍ତାଙ୍କ ଏ ମଧୁମୟ ସୃଷ୍ଟିର ମଧୁପାନ ଭିତରେ ନିଜର ଛଳନା, ଅହଂକାର, ପ୍ରତାରଣା, ପ୍ରବଞ୍ଚନା ଓ ଶଠତା ରୂପୀ କାର୍ଯ୍ୟାବଳୀରୁ ନିବୃତ୍ତ ହେବାର ଶିକ୍ଷାଲାଭ କରେ, ତେବେ ସେ ଈଶ୍ୱରଙ୍କର କୃପାଧନ୍ୟ ହୋଇଯିବ ।

ସୂନାରୂଇ, ବି.କଟିସାହି, ସିଂଲା, ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧

# ମହୁଲି

ଶ୍ରୁତି ଶୈଳଜା

" ନାନୀ ମହୁଲେ... କୁଡ଼େଇ ଚାଲ ।
ନାନୀ ମହୁଲେ... କୁଡ଼େଇ ଚାଲ ।"

ଏଇ ପଦକ ଗାଇ ଗାଇ ପୂରା ସାହିଙ୍କୁ ଉଠାଏ ପକାଏ ମହୁଲ ଦିନଯାକ । ତା' ଓଠରେ ସଦା ଲାଗି ରହିଥିବା ହସ ମହୁଲ ଫୁଲର ବାସ୍ନା ପରି ମିଠା ଓ ମନମୋହକ । ମୋଠୁ ବୟସରେ ସାନ ହବ ସେ, ହେଲେ ସବୁବେଳେ ମୋ ନାଁ ଧରି ମୋତେ ଡାକେ । ମୋତେ ଲାଗେ ମୋ ଉଚ୍ଚତା ତା' ଠାରୁ ଟିକେ କମ୍ ଯୋଗୁ ବୋଧେ ସେ ଏମିତି ଡାକେ । ତା'ର ମାତ୍ର ଦୁଇ ଯୋଡ଼ା ପିନ୍ଧା ଲୁଗା । ଗୋଟେ ଦିନ ଧଳା ଆକାଶିଆ ରଙ୍ଗର ସ୍କୁଲ ଫ୍ରକ୍ ପିନ୍ଧିଲେ ତା' ଆରଦିନକୁ ପିନ୍ଧିଥାଏ ନାଲିଆ ରଙ୍ଗର ଫୁଲପକା ଚୁଡ଼ିଦାରଟେ । ଡେଙ୍ଗ ଡେଙ୍ଗ ସେ ଚାଲେ ସବୁବେଳେ । ଡେଙ୍ଗଲା ବେଳକୁ ନାଲି ଓଢ଼ଣିଟା କାନ୍ଧରୁ ଖସିପଡେ ଆଉ ଯେତେଥର ଖସୁଥାଏ ସେତେଥର ସେ ତାକୁ ଟେକୁଥାଏ । ଥକେନି କେବେହେଲେ କି ତାର ଡିଆଁଡେଇଁ ବାଲା ଚାଲି ବି ଜମା ବନ୍ଦ ହୁଏନି । ପବନରେ ଦୋଳି ଖେଳୁଥାଏ ତା'ର ଦୁଇ ଟିକିଆ ବେଣୀ ବନ୍ଧା ସେ ଅସଜଡ଼ିଆ ଚୁଟି । ନାଁକୁ ମୁଣ୍ଡରେ ହେଡ୍‌ବ୍ୟାଣ୍ଡଟେ ଲଗେଇଥାଏ । ଲଗାଯାଏ ବୋଲି ଲଗେଇଥାଏ ବୋଧେ । ହେଲେ ସେଇଟା ସବୁବେଳେ ମୁଣ୍ଡର ଚୁଟିକୁ ବାନ୍ଧିଥାଏ କମ୍, ବେଶି ଚୁଟି ସେଥିରୁ ବାହାରି ଦି'ପାଖକୁ ଓହଳିଥାଏ ଆଲୁରୁସାଲୁରୁ ହୋଇ । ଏମିତିରେ ଦିନସାରା ଖରାରେ ବୁଲିଲେ ସାଧାରଣ ଲୋକ ବି କଳା ପଡ଼ିଯାନ୍ତି । ତା'ର ତ ଜାଣିକି ରଂଗ ଟିକେ ମାଧା । ହେଲେ ସେ ସବୁକୁ ତା'ର କି ଖାତିର ! ସେ ତା ନିଜ ନିଶାରେ ସବୁବେଳେ ମସଗୁଲ । ଗୁଣରେ ମୋ'ଠୁ ପୂରା ଓଲଟା । ମାତ୍ର ତା'ର ସେ ସୁନା ଫାଳିଆ ପରି ନାକ ଫୁଲଟା ଭାରି ସୁନ୍ଦର ମାନେ ତା' ମୁହଁକୁ । ତା'କୁ ଯେବେ ଦେଖେ ଆଗ ମୋ ନଜର ପଡ଼େ ତା' ନାକ ଉପରେ । ଘରକୁ ଆସି ମା'ପାଖରେ ଜିଦି ବି କରେ ମୋ ନାକଟା ବି ଫୋଡେଇ ଦେବା ପାଇଁ । ହେଲେ ସବୁଥର ମା'ଠୁ ଗାଳିଖାଏ । ମା' କହେ, ତୁ ଯଦି ଡିହସାହିରୁ ଫେରି ସବୁଥର ଏମିତି ନାକ ଫୋଡିବା ଜିଦି କରିବୁ ତା ହେଲେ ତୋର ସେଠିକି ଯିବା ପୂରା ବନ୍ଦ କରିଦେବି । ମୁଁ ଖାଲି ଜୋର୍‌ରେ 'କାହିଁକି' କହି ଚୁପ୍ ହୋଇଯାଏ । କାରଣ ହେଲା ଭୟ । ଡିହସାହି ନଗଲେ ମହୁଲକୁ ଭେଟିବି କେମିତି, ତା' ସହ ବର୍ଷାରେ କାଗଜ ଡଙ୍ଗା ଭସେଇବି କେମିତି, ତା' ସାଙ୍ଗରେ ସାଙ୍ଗହୋଇ ଗାଁ ତୋଟା, କ୍ଷେତ ବୁଲିବି କେମିତି, ତା' ଠୁ ମହୁଲ ଫୁଲ ଗୀତ ଶୁଣିବି କେମିତି !! ଆମ ସହରରେ ତ ଏସବୁ କିଛି ମିଳେନି ।

ମହୁଲ ବି ମୋ ପରି ଡିହସାହିର ନୁହଁ । ମୁଁ ନାନୀଘରକୁ ବୁଲିଗଲେ ତା' ସହ ଦେଖାହୁଏ । ସେ ତା' ପିଇସୀମା' ଘରେ ରହେ । ତା'ର ମା' ନାହିଁ, ବାପା ମଦୁଆ । ମଦ ନିଶାରେ ତା'କୁ କାହାକୁ ବିକି ନଦଉ ବୋଲି ତା ପିଇସା ତାକୁ ନିଜ ଘରେ ରଖିଛି । ମହୁଲ ଯୋଗୁ ତା' ପିଇସୀମା'କୁ ଘର କାମରେ ସାହାଯ୍ୟ ବି ମିଳିଯାଏ । ଏ ହାତେ ଦେ, ସେ ହାତେ ନେ ପରି ପିଇସୀ ମା' ସହ ତା'ର ସମ୍ପର୍କ ।

ହେଲେ ମହୁଲ ମୋ ପରି ମୁଣ୍ଡରୁ ନୁହେଁ, ମନରୁ ଭାବେ । ସେ ମୋ ପରି ସବୁବେଳେ ସବୁକଥାକୁ ତରାଜୁରେ ମାପଚୁପ କରେନି । ମୁଁ କିଛି କହିଲେ, ସିଏ ସାଂଗେ ସାଂଗେ କହେ, "କହିଦେଲୁନା ସହରିଆ କଥା । ତୋ ବିଚାର ତୁ ତୋ ପାଖରେ ରଖିଥା । ମୋର ସେ ସବୁ ଦରକାର ନାହିଁ ।" କହି ପୁଣି ଦିନ ଦୁଇଟା ପାଇଁ କୁଆଡେ ହଜିଯାଏ । ତାର ଏଇ ହସଖୁସିଆ ଗୁଣ ପାଇଁ ସେ ସାହିଯାକ ଲୋକ ତାକୁ ଭଲ ପାଆନ୍ତି ।

ପ୍ରଥମେ ଯେବେ ତା' ସହ ମିଶିଥିଲି, ସେ ମୋତେ ଆଦୌ ପସନ୍ଦ ଆସିନଥିଲା । ସିଏ ମୋ ପାଖକୁ ଆସିଲେ ଭାରି ଅସନା ଲାଗୁଥିଲା । କିନ୍ତୁ ସେ ମୋ ପାଖ ସହଜରେ ଛାଡ଼ି ନଥିଲା । ତା ଦେଶ ଭିତରକୁ କୋଉ ଗୋଟେ ବିଦେଶୀ ବ୍ୟକ୍ତି ପଶିଆସିଲା ପରି ମୁହଁର ଭାବ ଥିଲା ତା'ର ।

"ତୋ ନା କ'ଣ" ପଚାରି ମୋ ସହ କଥା ଆରମ୍ଭ କରିଥିଲା ।

ଏକେତ ଅଜଣା ପିଲା, ପୁଣି ଗାଁର; ଚିହ୍ନା ନାହିଁ କି ଜଣାନାହିଁ, ଏକାଥରେ ତୁ'ତା କରି କଥାବାର୍ତ୍ତା । ତା'ର ଏଇ ଗୁଣ ଯୋଗୁ ମନେମନେ ଭାରି ଚିଡୁଥିଲି ତା ଉପରେ । ଉତ୍ତର ଦେଇ ନଥିଲି । ସେ ପୁଣି ପଚାରିଥିଲା । "ତୋ ନାଁ କ'ଣ କହୁନୁ? ମୋ ନାଁ ମହୁଲ ।"

"ମହୁଲ !! କି ଅଜବ ନାଁ ଟା ତମର । ମୋ ନାଁ ବର୍ଷା" ବେଶ୍ ସ୍ପର୍ଦ୍ଧାର ସହ ପ୍ରତ୍ୟୁତ୍ତରରେ କହିଥିଲି ମୁଁ ।

"ତୋ ନାଁ ଟା ବଢ଼ିଆ ନାଁଟେ, ଠିକ୍ ମୋ ନାଁ ପରି" .... ମହୁଲ ଆଉଥରେ ହସି ଦେଇଥିଲା । ମୁଁ ତାକୁ 'ତମେ' କହିଲା ପରେ ବି ସିଏ ମୋତେ ପୁଣି 'ତୁ' କହିଲା । ମନେମନେ ଚିଡ଼ି ଯାଇଥିଲି ମୁଁ । ୟେ କ'ଣ ମୋ ଇସାରା ବୁଝିପାରୁନି !! ତଥାପି ପଚାରିଲି ମହୁଲର ମାନେ କ'ଣ?

"ମହୁଲର ମାନେ ତୁ ଜାଣିନୁ ?" ବେଶ୍ ବଡ଼ ପାଟିରେ କହିଲା ମହୁଲ ।

ମୁଁ ଇଂରାଜୀରେ ନବେ ତଳକୁ ଆଣିଲେ ବାପା ବି ଏତେ ବଡପାଟିରେ ଗାଳି କରିନାହାନ୍ତି କେବେ ।





"ଏମିତି କୋଉ ବଡ଼ ଜିନିଷଟା କି ମହୁଲ ।" ମୁଁ ବି ଏଥର ପାଟି ବଡ଼ କରି ଉତ୍ତର ଫେରେଇଥିଲି ତାକୁ ।

'ମୋ ମା ଦେଇଥିଲା ମୋ ନାଁ 'ମହୁଲ' । ସେ ସକାଳୁ ସକାଳୁ ମହୁଲଫୁଲ ଗୋଟେଇବାକୁ ଗଲାବେଳେ ମୁଁ ଜନ୍ମ ହୋଇଥିଲି ନା, ସେଥିପାଇଁ 'ମହୁଲ' ହେଲା ମୋ ନାଁ । ମହୁଲ ଫୁଲ କେତେ ବାସେ ଜାଣୁ ! ଚାରି ଦିଗ କମ୍ପେଇ ଦିଏ । ବାସ ଯେମିତି ଗୁଣ ବି ସେମିତି । ସବୁ ଔଷଧ ମହୁଲ ଫୁଲରୁ ବନାନ୍ତି ଲୋକେ । ସାପ କାମୁଡ଼ିଲେ ବି ମହୁଲଫୁଲର ରସ ତା' ବିଷ କାଟିଦିଏ । ମହୁଲ ଫୁଲର ପିଠା ଆରିସା ପିଠାଠୁ ବି ମିଠା । ତୁ ଖାଇଛୁ କେବେ?"

ମୁଁ ନା କହି ମୁଣ୍ଡ ହଲେଇ ଥିଲି । ମୁଁ ଆମ ଗାଁକୁ ଗଲେ ତୋ ପାଇଁ ଆଣିବି କହି ମୋ ପାଖରେ ଆସି ବସିପଡ଼ିଥିଲା ମହୁଲ । ପୁଣି କହିଲା "ତୋ ଜାମାଟୋ ବଢ଼ିଆ ହୋଇଛି, ହଳଦୀ ରଙ୍ଗର, ମୋ ପାଖରେ ଏମିତି ଜାମା ନାହିଁ । ତୁ ତୋ ଗାଁକୁ ଗଲେ ମୋ ପାଇଁ ଗୋଟେ ଆଣିଦବୁ ?"

"ମୁଁ ଗାଁରେ ନୁହଁ, ସହରରେ ରୁହେ । ମୁଁ ମା'ଙ୍କୁ କହିବି ତୋ ପାଇଁ ଗୋଟେ କିଣିଦେବେ" ମୋ ଅଜାଣତରେ ମୋ ପାଟିରୁ 'ତୁ' ବାହାରି ସାରିଥିଲା ମହୁଲ ପାଇଁ, ଯାହା ଆଉ କେବେ 'ତମେ'କୁ ବଦଳି ନଥିଲା ।

ତା' ସଙ୍ଗେ ବର୍ଷାଦିନେ କ୍ଷେତକୁ ଯାଇ ଗେଣ୍ଡା, ଭେକ୍‌ଟି ଧରିବାରେ ଯେଉଁ ଆନନ୍ଦ, ସେ ମଜା ଆଉ କେଉଁଠି ହେଲେ ଆଜିଯାଏ ମିଳିନି ମୋତେ । ମହୁଲ ନିଜ ଚୁଡ଼ିଦାର ପ୍ୟାଂଟକୁ ଟେକି ଦୌଡ଼ି ଦୌଡ଼ି ପଶିଯାଏ ବିଲର କାଦୁଅ ପାଣି ଭିତରକୁ, ଆଉ ହାତ ପୁରେଇ ଅତି ସହଜରେ ଗୋଟେଇ ଆଣେ ଗେଣ୍ଡା ଚାରି ପାଂଚଟା ଏକାଥରେ । ନିଜ ଓଢ଼ଣୀରେ ଗୁଡ଼େଇ ଗଣ୍ଠି ପକେଇ ଦିଏ । କେବେ କେବେ କଙ୍କଡ଼ାର ପିଠି ଚାପିଧରି ତା ବୁଢ଼ା ଆଙ୍ଗୁଠିକୁ ଭାଙ୍ଗି ପକାଏ ଦକ୍ଷ କଙ୍କଡ଼ା ଧରାଳି ପରି । ମୁଁ ଖଣ୍ଡେ ଦୂରରେ ଛିଡ଼ା ହୋଇ ଦେଖେ ତାର ସବୁ ବାହାଦୂରୀକୁ । ଧରୁଧରୁ ତା' ହାତରୁ ତୋଡ଼ି ମାଛଟେ ଖସିଗଲେ ବି ମୁଁ ଦୂରରୁ ଥାଇ ଚିତପଟାଙ୍ଗ ମାରେ । ସେ ଫେଁ କି'ନା ହସି ଦିଏ ମୋ ଅବସ୍ଥା ଦେଖି । ମୋତେ 'ଝିପିଝିପି ବର୍ଷା' ବୋଲି ଡାକି 'କିଛି କାମକୁ ନୁହଁ' କହି ଖଟେଇ ହୁଏ । ମାଛ ଆଉ କଙ୍କଡ଼ା ପୁଟୁଳି ଧରି ଘରକୁ ଫେରିବା ବେଳେ ତା ଓଢ଼ଣୀରେ ବନ୍ଧା ଥାଏ ସମସ୍ତଙ୍କ ପାଇଁ ଅସୁମାରୀ ଖୁସିର ଗନ୍ତାଘର । ସେଦିନ ରାତିରେ ତା ପିଇସୀ ମା' ଘରେ ଛୋଟ ଭୋଜିର ପର୍ବଟେ ଜମିଯାଏ ଖାସ୍ ତା ଯୋଗୁ । ଆଉ ମୋ ଉପରେ ପଡ଼େ କୁନି ନାନୀଠୁ ଗାଳିର ବର୍ଷଣ । ବର୍ଷାରେ ଭିଜି ମୋତେ ଜର ହେଲେ ମା'ଙ୍କ ଠୁ ଗାଳି ପଡ଼ିବାର ଡର ମୋ ଠାରୁ ତା'ର ବେଶୀ ।

'ତୁ ବି ଅଜବ । ନିଜ ଖୁଡ଼ୀଙ୍କୁ କିଏ ଏତେ ଡରେ ? ତୋ ବ୍ୟତୀତ ଆଉ କେହି ଡରୁ ନଥିବେ ଏ ଦୁନିଆରେ ।' ମୁଁ ଏତକ କହିଲାବେଳେ ସେ କିଛି କୁହେନି, ବରଂ ହସିଦିଏ । ଭାଇ ବି ଦୂରରେ ବସି ଆମ ଦି' ଭଉଣୀଙ୍କ କଥା ଶୁଣି ଭାରି ହସନ୍ତି । କିନ୍ତୁ ଦୁହେଁ ତାଗିଦ କରନ୍ତି ମହୁଲ ସହ ବେଶୀ ନ ମିଶିବା ପାଇଁ । କାଳେ ତା' ସହ ମିଶିଲେ ମୁଁ ତା ପରି ବାରବୁଲି ହୋଇଯିବି ।

ମୁଁ ଥିବାବେଳେ ସେ ପ୍ରାୟତଃ ସକାଳେ ସଞ୍ଜବେଳେ ନାନୀ ଘରକୁ ପଳେଇ ଆସେ । ନାନୀର ଶାଶୁ ଅଗଣାରେ ବସି ଗୁଆ ଭାଙ୍ଗୁଥିଲେ ତାଙ୍କୁ ଉପରେ ପଡ଼ି କୁହେ, ମୁଁ ଗୋଟେ ପାନ ଖାଇବି ।

- ଏଡିକି ବକଟେ ହେଇଛୁ, ପାନ ଖାଇବୁ! ଯାଉଚୁ ଏଠୁ ନା ଦେଖିବୁ । ଯେତେବେଳେ ଦେଖ ଟୁଙ୍ଗ କିନା ଏଠିକି ପଳେଇ ଆସୁଛି !!'

ତାଙ୍କଠୁ ଏତକ ଗାଳି ଶୁଣି ମହୁଲ ଧାଇଁ ପଳେଇ ଆସେ ମୋ ପାଖକୁ ।

ଦିନେ ମୁଁ ନାନୀର ଶାଶୁଙ୍କୁ ପଚାରିଲି "ମାଉସୀ, ତମେ ପିଆଜ ରସୁଣ କାହିଁକି ଖାଅନି?"

"ପିଆଜ ରସୁଣ ଖାଇଲେ ଦେହରେ ତାତି ବଢ଼େ । ମଣିଷ ମନ ଆଧ୍ୟାତ୍ମିକତା ଆଡ଼କୁ ନଯାଇ ବସ୍ତୁବାଦୀ ହୋଇଯାଏ । ନିଜ ମନକୁ ଠାକୁରଙ୍କ ପାଖରେ ଲାଗେଇବା କଷ୍ଟ ହୋଇଯାଏ । ସେଇଥିପାଇଁ ପିଆଜ ରସୁଣ ଖାଆନ୍ତିନି ।" ବେଶ୍ ବଢ଼ିଆ କରି ବୁଝେଇଥିଲେ ମାଉସୀ।

"ଏଗୁଡ଼ା ସବୁ ମିଛ କଥା, ସତ କଥା ମୁଁ କହୁଛି ଶୁଣ୍" କୁଆଡୁ ତୋଫାନ ଭଳି ମାଡ଼ି ଆସି କହିଲା ମହୁଲ ।

- "ସମୁଦ୍ର ମନ୍ଥିଲାବେଳେ ଯୋଉ ଅମୃତ ମିଳିଲା, ତାକୁ ନାରାୟଣ ଭୁଲରେ ଦି'ଟା ରାକ୍ଷାସ ରାହୁ ଆଉ କେତୁଙ୍କୁ ଦେବତା ଭାବି ବାଂଟି ଦେଇଥିଲେ । ପରେ ଯେତେବେଳେ ସତ ଜାଣିଲେ, ରାଗିକି ତାଙ୍କ ମୁଣ୍ଡକୁ ଦେହରୁ ଅଲଗା କରିଦେଲେ । ତାଙ୍କ ମୁଣ୍ଡର ରକ୍ତ ତଳେ ପଡ଼ି ପିଆଜ ରସୁଣର ଜନ୍ମ ହୋଇଥିଲା । ରାକ୍ଷସ ରକ୍ତରୁ ଜନ୍ମ ହୋଇଥିବାରୁ ଏ ଗୁଡ଼ାକ ଗନ୍ଧାଏ, ଆଉ ତାହା ଠାକୁର ଭୋଗରେ ଲାଗେନି । ମାଉସୀ ତା ଖାଦ୍ୟ ଖାଇବା ଆଗରୁ ଠାକୁରଙ୍କୁ ଭୋଗ ଲଗାଏ ତ, ସେଇଥିପାଇଁ ସେ ପିଆଜ ରସୁଣ ଖାଏନି ।'

ମହୁଲର ଏମିତିକା କଥା ସବୁବେଳେ ମୋତେ ପ୍ରଭାବିତ କରେ । ଅନ୍ୟମାନଙ୍କ ଅପେକ୍ଷା ତା' କଥା ବେଶୀ ସତ ଲାଗେ । ଖାଲି ମୁଁ ନୁହେଁ; ନାନୀର ସବା ସାନ ଦିଅର ସଂଗ୍ରାମ ଭାଇ ବି ମହୁଲର ସବୁ କାମ ଓ କଥାରେ ଚକିତ ଆଉ ଉତ୍‌ଫୁଲ୍ଲିତ ହେବାର ଦେଖିଛି ମୁଁ । ସେ ବି ଆମ ବୟସର ହେବେ । ପୁଅ ପିଲା ବୋଲି ଟିକେ ଖାପଛଡ଼ା ହୋଇ ରୁହନ୍ତି । କିନ୍ତୁ ମହୁଲ ମୋ ସହ ଥିଲେ ସହଜରେ ଆମ ପାଖ ଛାଡ଼ି ଯାଆନ୍ତିନି ସେ । ଚଉଦପନ୍ଦର ବର୍ଷର ହେଲେ ବି ଟିକେ ଟିକେ ବୁଝିପାରେ ତାଙ୍କ ମନକୁ, ମହୁଲକୁ ନେଇ ତାଙ୍କ ଭାବନାକୁ । ଆମେ ଡଙ୍ଗା ତିଆରି ପାଇଁ କାଗଜ ମାଗିଲେ ସେ ରାଗିଯାନ୍ତି, ହେଲେ ମହୁଲ 'ଦଉନୁ' ବୋଲି କହିଲେ ଖାତାର ପଛପଟ ଫର୍ଦ୍ଦ ସାଙ୍ଗେ ସାଙ୍ଗେ ଚିରିକି ଦେଇ ଦିଅନ୍ତି ।

ମନେମନେ ଟିକେ ଈର୍ଷା ହୁଏ ମହୁଲକୁ ନେଇ ।

ଆଜିକୁ ଆଠ ଦଶ ବର୍ଷ ହେଇ ଯିବଣି ମହୁଲକୁ ଦେଖିବାର । ମହୁଲର ସେ ମାଦକଭରା ବାସ୍ନା ବି ଧୀରେଧୀରେ ଫିକା ହେଇ ଆସିଲାଣି ମନରୁ । ଏବେ ତା କଥା ବହୁତ ମନେ ପଡୁଛି, ତା' ପୁଣି ତା ନାଁ ସମାନ 'ମହୁଲବଣ'କୁ ଦେଖି । ମୋର ଚାରଜଣିଆ ଟିମ୍ ସହ ମୁଁ ତା ଗାଁରେ, ଗୋଟେ ଟିଭି ଚ୍ୟାନେଲ ତରଫରୁ ମହୁଲଗଛ ଆଉ ଏଠିକାର ବାସିନ୍ଦାଙ୍କ ଉପରେ ଏକ ଡକ୍ୟୁମେଂଟାରୀ ବନେଇବା କାମରେ। ନାନୀ ବି କହୁଥିଲା ମହୁଲ ଡିହସାହି ଛାଡି ତା' ଗାଁକୁ ଫେରିଆସିଲାଣି କେବେଠୁ । ଭାରି ଇଚ୍ଛା ହେଉଥିଲା ମହୁଲ ସହ ଦେଖା ହୁଅନ୍ତା କି ? ଦେଖା ହୋଇଗଲେ ମହୁଲ କଣ ମୋତେ, ନାଁ ମୁଁ ତାକୁ ଚିହ୍ନିପାରିବି !! ସେ ମୋତେ ଆଉ ମନେ ରଖିଥିବ !!

ନାନୀଠୁ ଶୁଣିଥିଲି ସଂଗ୍ରାମ ଭାଇ ଆଉ ମହୁଲ କଥା । ସାନ୍ତାଳ ଝିଅ ବୋଲି ନାନୀ ଶାଶୁଘର ଲୋକେ ତାକୁ ଗ୍ରହଣ କରି ପାରିଲେନି । ନାନୀ ଶାଶୁ କାଳେ କହିଲେ, "ମହୁଲ ଫୁଲର ଭାଗ୍ୟ ପୂଜା ପାଇବା ନୁହଁ, ତଳେ ପଡ଼ିଥିଲେ ଲୋକେ ତାକୁ ଗୋଟେଇ ନିଅନ୍ତି ଆଉ ନିଶାପାଣି ବନାନ୍ତି ସେଥିରୁ ।"

ପୂଜା ପାଇଁ ବ୍ୟବହାର ହେଉଥିଲେ ମନ ଥାଉ ନଥାଉ ଗଛରୁ ତୋଳା ହେଇଥାନ୍ତା । ଏବେ କିନ୍ତୁ ଯୋଉଠି ଥିବ ନିଜ ଇଚ୍ଛାରେ ଅନ୍ୟ ପାଇଁ ଝରି ପଡୁଥିବ କାହା ଜୀବନରେ। ଭାଗ୍ୟବାନ ହେଇଥିବ ସିଏ, ଯିଏ ଗୋଟେଇ ନେଇଥିବ ତାକୁ ପ୍ରେମର ସ୍ପର୍ଶରେ । ତା' ପରି ଝିଅ କ'ଣ କେବେ ଦୁଃଖରେ ରହିପାରେ ! ତାକୁ ତ ହସି ବି ଆସେ, ହସେଇ ବି ଆସେ ।

ଗାଡ଼ି ଗଡିଯାଉଥିଲା ରାସ୍ତାରେ । ରାସ୍ତା ଦି' କଡରେ ବିସ୍ତୀର୍ଣ୍ଣ ମହୁଲବଣ । ଏଇଟା ମହୁଲର ଗାଁ । ଗାଡିରେ ବସି ବସି ତା' କଥା ଭାବୁଥିଲା ବେଳେ ରାସ୍ତା ରାସ୍ତା କଡ଼ର ଆକାଶକୁ ଲୁଚେଇ ଦେଉଥିବା ଜଙ୍ଗଲ ଭର୍ତ୍ତି ମହୁଲ ଗଛ ଆଉ ଭୂଇଁ ଉପରେ ପଡ଼ିଥିବା ଦୁଧସର ପରି ମହୁଲ ଫୁଲର ଚଦର । ରାସ୍ତା କଡରେ ସ୍କୁଲରୁ ବହି ବସ୍ତାନି ଧରି ଘର ମୁହାଁ ହେଉଥିବା କେତେଜଣ କୁନି କୁନି ପିଲା । କିଏ କିଏ ଆମକୁ ଦେଖି ଦୂରରୁ ହାତ ହଲେଇ ଦେଉଥିଲେ ତ କେତେଜଣ ଆମ ଗାଡ଼ି ପଛେପଛେ ଦୌଡୁଥିଲେ । ଗାଡ଼ି କି ଗାଡ଼ି ଛାଡୁଥିବା ଧୂଳିଧୂଆଁକୁ ଖାତିର ନଥିଲା ସେମାନଙ୍କର । ସେମାନଙ୍କୁ ଦେଖି ମହୁଲ ଆହୁରି ବେଶି ମନ ପଡୁଥିଲା ମୋର । ସେମାନଙ୍କ ସହ କଥାହେବା ଲୋଭରେ ସେଠି ଗାଡ଼ି ଅଟକେଇ ଓହ୍ଲେଇଲି । ସେମାନଙ୍କୁ ହାତଠାରି ଡାକିଲା ବେଳକୁ ପଛପଟୁ ମୋ ହାତର ଆଙ୍ଗୁଠିକୁ କିଏ ଗୋଟେ ଛୁଇଁଲା ପରି ଲାଗିଲା । ପଛକୁ ବୁଲି ଚାହିଁଲା ବେଳକୁ କୁନି ଝିଅଟେ । ତା' କୁନି ଟିପରେ ମୋ ଆଙ୍ଗୁଠିକୁ ଛୁଇଁ ପଚାରୁଛି "କୋଉଠୁ ଆସିଛୁ? ତୋ ନାଁ କ'ଣ?"

ତା' କଥାର ଉତ୍ତର ଦବା ପୂର୍ବରୁ ତା' ଗାଲ ଚିପିଦେଇ ପଚାରିଲି 'ତମ ନାଁ କ'ଣ?'

ସେ ହସିଦେଲା । ତା' ଗାଲରେ ଖେଳିଗଲା ଦୁଇଟି ଭଉଁରି । ସେ ଦାନ୍ତ ଦେଖେଇ କହିଲା 'ମହୁଲ' ।

ମୋ ମନରେ ଖେଳିଗଲା ବିଜୁଳିର ଚମକ । ତା' ମୁହଁ ଦିଶିଲା ମହୁଲର ମୁହଁ ପରି । ମୁଁ ବି ହସିଦେଲି, କହିଲି ମୋ ନାଁ 'ବର୍ଷା' ।

ହାଇଦ୍ରାବାଦ
(ମୋ) ୮୬୮୮୪୪୯୭୨୩

# ବିଶେଷ ଆଲେଖ୍ୟ

## ମା...

କାଳି ଦାସ



ଜନନୀ ଜନ୍ମ ଭୁମିଶ୍ଚ ସ୍ୱାର୍ଗାଦପି ଗରୀୟସୀ ।'ମା' ସବୁଠାରୁ ମିଠା ଶବ୍ଦ ଟିଏ । 'ମା' ସବୁଠାରୁ ପ୍ରିୟ ମଣିଷଟିଏ କେବଳ ମଣିଷ ନୁହେଁ ପଶୁ ପକ୍ଷୀ ମଧ୍ୟ ନିଜର ବାତ୍ସଲ୍ୟ ସମୟ 'ମା' କୋଳରେ ବିତାଇ ଥାନ୍ତି । 'ମା'ର ସ୍ନେହ ସବୁଠାରୁ ଅଲଗା । ନିଃସ୍ୱାର୍ଥ ପର ଭାବରେ 'ମା' ନିଜ ସନ୍ତାନକୁ ଭଲ ପାଇଥାଏ । ନିଜ ସନ୍ତାନର ମଙ୍ଗଳ ପାଇଁ ଅନେକ ବ୍ରତ ଉପବାସ ଓ ପୂଜା କରିଥାଏ । ମା'ର ଋଣ ଆମେ କେବେ ହେଲେ ସୁଝିପାରିବା ନାହିଁ । ସନ୍ତାନକୁ କିପରି ଦୁନିଆ ଦାଣ୍ଡରେ ମଣିଷ କରି ଠିଆ କରିବ ସେଥିପାଇଁ ମା ପୁରା ଜୀବନ ବାଜି ଲଗେଇଦିଏ । ଆମ ଦେଶରେ କେଉଁ ଆଦିମ କାଳ ରୁ ମାତୃଶକ୍ତିର ଆରାଧାନା ହୋଇଚାଲିଛି । ଶକ୍ତି ର ପ୍ରତୀକ ହେଲେ ମା ଦୁର୍ଗା । ଜ୍ଞାନର ପ୍ରତୀକ ହେଲେ ମା ସରସ୍ୱତୀ । ସୌଭାଗ୍ୟର ପ୍ରତୀକ ହେଲେ ମା ଲକ୍ଷ୍ମୀ ।ଏହି ସମସ୍ତଙ୍କ ଆରାଧନା ଆମମାନଙ୍କ ଘରେ ହୋଇଥାଏ ।

ଈଶ୍ୱରଙ୍କ ସୃଷ୍ଟିର ସବୁଠାରୁ ଶ୍ରେଷ୍ଠ ସୃଷ୍ଟି ମା'ର ସ୍ନେହ ଓ ମମତା । ତା ବିନା ଆମ ଜୀବନ ଶୁଷ୍କ ମନେହୁଏ । ଜୀବନ ଯୁଦ୍ଧରେ ଆମେ ଯେତେବେଳେ କ୍ଷତାକ୍ତ ହେଉ ସେତେବେଳେ ମାର କାନିପଣତ ତଳେ ଶାନ୍ତି ପାଇଥାଉ ।

ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ମା ଏକ ଅଲଗା ଅସ୍ତିତ୍ୱ । ସେହି ଅସ୍ତିତ୍ୱ ସହିତ ବିଶ୍ୱର ସମସ୍ତ ସମ୍ପତି ତୁଚ୍ଛ ।

ଭାରତୀୟ ସଂସ୍କୃତିରେ ମା'ର ସମ୍ମାନ ସବୁଠାରୁ ଉର୍ଦ୍ଧ୍ୱରେ । ଭଗବାନ ଶ୍ରୀ କୃଷ୍ଣଙ୍କୁ ମଧ୍ୟ ତାଙ୍କର ପାଳିତ ମା' ଯଶୋଦାଙ୍କ ନାମ ସହିତ ଯୋଡି ଦିଆଯାଇଥାଏ । ଶ୍ରୀକୃଷ୍ଣଙ୍କୁ ଯୋଶୋଦା ନନ୍ଦନ କହି ସମ୍ବୋଧନ କରାଯାଇ ଥାଏ ଏବଂ ଜନ୍ମ କରିଥିବା ମା' ଦେବକୀଙ୍କ ନାମ ସହିତ ଯୋଡିଦିଆ ଯାଇ ଦେବକୀ ପୁତ୍ର ବୋଲି ମଧ୍ୟ କୁହାଯାଇଥାଏ । ସେହିପରି ଅର୍ଜୁନଙ୍କୁ ମଧ୍ୟ କୌନ୍ତେୟ କହି ସମ୍ବୋଧନ କରାଯାଇଛି । ମା ସହିତ ତା ସନ୍ତାନର ସମ୍ପର୍କ ଅତି ନିବିଡ । କୁହାଯାଏ ଯେ ଗାନ୍ଧୀଙ୍କ ମହାନ ବ୍ୟକ୍ତିତ୍ୱ ପଛରେ ତାଙ୍କ ମା ପୁତୁଳି ବାଈଙ୍କ ପ୍ରେରଣା ରହିଥିଲା । ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ସହିତ ମଦର ମେରୀଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥାଏ । ମଦର ମେରୀ ଓ ଯୀଶୁଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତି ମା ଓ ତାର ସନ୍ତାନର ନିବିଡତାକୁ ଦର୍ଶାଇ ଥାଏ ।

ଆମେ ଆମର ଭାଷାକୁ 'ମାତୃଭାଷା' କହୁ ସେହିପରି ଜନ୍ମଭୂମିକୁ ଆମେ ମାତୃଭୂମି କହିଥାଉ। ଜନ୍ମ ଭୂମି ଓ ମାତୃଭାଷା ଉଭୟେ ଆମ ପାଇଁ ଅତିପ୍ରିୟ ।

ତେଣୁ ଆମ ପାଇଁ 'ମାତୃଦିବସ' ବା ମଦରର୍ସ ଡ଼େ ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ଦିବସ। ଆମର ସଂଘର୍ଷମୟ ଜୀବନ ଭିତରେ ଆମେ ମାର ଅବଦାନକୁ ଭୁଲିଯାଇ ଥାଉ ଯାହା ଆମେ କେବେବି ଭୁଲିବା କଥା ନୁହେଁ । ଆଜିର ଆମର ସ୍ଥିତି ପଛରେ ମା'ର ତ୍ୟାଗ ଓ ବଳିଦାନର ପାହାଡ ଠିଆ ହୋଇଛି । ଆମେ ଜୀବନ ରେ କେତେ ସଫଳ ହୋଇଛୁ ବା ବିଫଳ ହେଇଛୁ ତାହା ମୂଲ୍ୟହୀନ କିନ୍ତୁ ଆମ ସମସ୍ତଙ୍କ ପଛରେ ମା'ର ଆଶୀର୍ବାଦର ହାତ ସବୁବେଳେ ରହିଛି ।

'ମଦରର୍ସ ଡ଼େ' ପରି ଗୋଟିଏ ବିଚାର ପ୍ରଥମ ଥର ପାଇଁ ଆମେରିକାର ଅନ୍ନା ଜାରଭିସଙ୍କ ମନରେ ଆସିଥିଲା । ଆମେରିକାରେ ଆନ୍ନା ଜାରଭିସଙ୍କ ଦ୍ୱାରା ପ୍ରଥମଥର ମଦରର୍ସ ଡ଼େ ପାଳନ କରାଯାଇଥିଲା । ଆନ୍ନା ଜାରଭିସ ନିଜ ମା'ଙ୍କର ମୃତ୍ୟୁର ତିନି ବର୍ଷ ପରେ ପ୍ରଥମେ ମଦରର୍ସ ଡ଼େ ପାଳନ କରିଥିଲେ ।

ଏହାଥିଲା ଆନ୍ତର୍ଜାତୀୟ ମଦରର୍ସ ଡ଼େ। ଆନ୍ନା ଜାରଭିସଙ୍କ ମା ଚାହିଁଥିଲେ ଯେ ବିଶ୍ୱରସମସ୍ତ ମା' ଙ୍କ ଅବଦାନକୁ ମନେ ରଖିବା ପାଇଁ ଗୋଟିଏ ଦିନ ପାଳନ କରାଯାଉ। ଆନ୍ନାଙ୍କ ମତରେ ଏହା ବ୍ୟକ୍ତିଗତ ହେବାକଥା, ଯେଉଠି ଜନ୍ମଦାତ୍ରୀ ଓ ତା ସନ୍ତାନମାନେ ନିଜ ଭିତରେ ଏହାକୁ ପାଳନ କରିବେ । ସେମାନଙ୍କ ଭିତରେ ଥିବା ନିବିଡତା ଅନ୍ୟକୁ ଦେଖାଇବା ପାଇଁ ନୁହେଁ ।

ବିଶ୍ୱର ସମସ୍ତ ମହାପୁରୁଷ କୌଣସି ନା କୌଣସି ମା ଠାରୁ ଜନ୍ମ ନେଇଛନ୍ତି । ନିଜର ଆସହାୟ ଶୈଶବ କୁ ମା କୋଳରେ ବିତାଇଛନ୍ତି।

'ମା' ଗୋଟିଏ ଅକ୍ଷର ବିଶ୍ୱର ସମସ୍ତ ସୁଖ ଓ ଶାନ୍ତିକୁ ଧରିରଖିଛି ।

ଯେଉଁ ମାନଙ୍କର ଶୈଶବ ବିନା ମା'ରେ କଟିଛି କେବଳ ସେମାନେ ବୁଝି ପାରିବେ ଯେ ମା' ବିନା ଜୀବନ କିପରି ଅସମ୍ପୂର୍ଣ୍ଣ ।

ଗତ ଦୁଇ ବର୍ଷ କୋରୋନା ତାର କାୟା ବିସ୍ତାର କରିଥିଲା ଯାହା ପାଇଁ ଅନେକ ନିରୀହ ପିଲା ନିଜ ମା' ଏବଂ ବାପାଙ୍କୁ ହରାଇଥିଲେ । ସେହି ସମୟରେ ଓଡିଶା ସରକାରଙ୍କ ଦ୍ୱାରା ଗ୍ରୀନ ପ୍ୟାସେଜ ଯୋଜନା ଅଣାଯାଇଥିଲା ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ । ଏହି ଯୋଜନାରେ ବାପା ମାଙ୍କୁ ହରାଇଥିବା ପିଲାମାନଙ୍କ ପାଇଁ ସରକାର ରହିବା ଖାଇବା ପଢିବାର ଦାଇତ୍ୱ ତୁଲେଇଛନ୍ତି ।

ଦୁଃଖର ବିଷୟ ଆଜି ଆମ ସମାଜ ରେ ବୁଢା ବୁଢୀ ବାପା ମାଙ୍କ ଦାଇତ୍ୱ ନେବା ପାଇଁ ପିଲାମାନେ ଚାହୁଁନାହାନ୍ତି । ବାପା ମା ନିଜର ଶେଷ ସମୟ ବୃଦ୍ଧାଶ୍ରମରେ କାଟିବାକୁ ବାଧ୍ୟ ହେଉଛନ୍ତି। ପରିବାରରେ କାହା ପାଖରେ ସମୟ ନାହିଁ ବୁଢା ବୁଢୀଙ୍କ ସହିତ କିଛି ସମୟ ବିତାଇବା ପାଇଁ । ହେଲେ ବାର୍ଦ୍ଧକ୍ୟ ଜୀବନର ଚିରନ୍ତନ ସତ୍ୟ । ଆଜି ଯିଏ ଯୁବକ କାଲି ସିଏ ବୁଢା ହେବ । ଏହି ମାତୃଦିବସରେ ସମସ୍ତ ମାତୃ ସମାଜକୁ ଯଦି ଆମେ ସମ୍ମାନିତ କରିପାରିବା ତାହେଲେ ନିଜକୁ ଭାଗ୍ୟବାନ ମନେ କରିବା ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
(ମୋ) ୭୨୦୫୧୦୦୮୩୯

## ସ୍ମୃତି କଥା

# ଅନ୍ତିମ ଯାତ୍ରା :- 'କବିଭବନ'ର ମୁଠାଏ ମାଟି

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମଗୃହ ଜାତୀୟକରଣ ହେବା ପରେ 'କବି ଭବନ'ଠାରୁ ବିଦାୟ ନେଇଥିଲେ ମଧ୍ୟ ଏହି ପବିତ୍ର ମାଟି ସହିତ କବି ପରିବାରର ବନ୍ଧନ ରହିଛି ସୂକ୍ଷ୍ମତର ସ୍ତରରେ ସର୍ବଦା ପ୍ରାଣବନ୍ତ ହୋଇ । ଆମ ପରିବାରରେ ଆରମ୍ଭ ହୋଇଥିଲା। ଏକ ହୃଦୟସ୍ପର୍ଶୀ ପରମ୍ପରା, ଯେତେବେଳେ ପିତାମହ କବିପୁତ୍ର ଭଗବାନ ମେହେରଙ୍କ ବିୟୋଗ ଘଟିଗଲା । ତାଙ୍କର ଚାରିପୁତ୍ର ସ୍ୱତଃସ୍ଫୂର୍ତ୍ତ ଭାବରେ ଅଟକି ଯାଇଥିଲେ 'କବିଭବନ' ସମ୍ମୁଖରେ। ଯେଉଁ ମାଟିରେ କବିପୁତ୍ରଙ୍କ ଜନ୍ମ ହୋଇଥିଲା ଓ ଜୀବନର ଅଧିକାଂଶ ସମୟ ଅତିବାହିତ ହୋଇଥିଲା, ସତେ ଯେମିତି ସେଇ ମାଟି ମାଆ ନିଜ ପ୍ରିୟ ପୁତ୍ରଟିକୁ ଥରେ ହୃଦୟପୂର୍ଣ୍ଣ କରି ଅନୁଭବ କରିବାପାଇଁ ଅଦୃଶ୍ୟ ସଂକେତ ଦେଇଥିଲେ । ଭଗବାନ ମେହେରଙ୍କ ନିଷ୍ପ୍ରାଣ ପାର୍ଥିବ ଶରୀରକୁ କିଛି କ୍ଷଣ ନିମନ୍ତେ ଯେତେବେଳେ କବିଭବନ ସମ୍ମୁଖରେ ରଖିଦିଆଗଲା, ସେତେବେଳେ ସମସ୍ତଙ୍କ ଶୋକାଚ୍ଛନ୍ନ ଚକ୍ଷୁଯୁଗଳ ହୋଇଉଠିଲା ଢଳଢଳ । ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ବଳିଷ୍ଠ ପ୍ରଧାନ ଏପରି ଏକ ପରମ୍ପରାର ଥିଲେ ବାସ୍ତବ ପ୍ରବର୍ତ୍ତକ । ମୋର ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର କବିଭବନର ମୁଠାଏ ମାଟି ଆଣି ନିଜ ପିତୃଦେବଙ୍କ ଶରୀରକୁ ସ୍ପର୍ଶ କରାଇ ରଖିଦେଲେ ତାଙ୍କ ମସ୍ତକ ସନ୍ନିକଟରେ । କିଛିକ୍ଷଣ ବିତିଗଲା ନସ୍ତବ୍ଧ ନୀରବତାରେ ତା' ପରେ ପୁଣି କବିପୁତ୍ରଙ୍କ ପ୍ରାଣହାନୀ ଶରୀରକୁ ନେଇ ଯାତ୍ରା ଶେଷ- ହେଲା ବରପାଲି ସ୍ୱର୍ଗଦ୍ୱାରଠାରେ । କେତେଯେ ମାନ୍ୟଗଣ୍ୟ ଭଦ୍ରବ୍ୟକ୍ତିଙ୍କ ସହିତ ସାଧାରଣ ଜନତା ସେଦିନ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ କବିପୁତ୍ରଙ୍କ ପ୍ରତି ତାହା ଆଜି କେବଳ ରହିଯାଇଛି ସଜଳ ସ୍ମୃତିର ପ୍ରଦୀପ ହୋଇ।

**କବି ପରିବାରର ସନ୍ତାନ ଭାବରେ ଏହି ସମସ୍ତ ଘଟଣାର ଜୀବନ୍ତ ସାକ୍ଷୀ ହୋଇ ରହିଆସିଛି ମୁଁ । ଏ ପରିବାରରେ କାହାରି ଜୀବନ ଅକାଳରେ ଅସ୍ତମିତ ହୋଇ ନଯାଉ ବୋଲି ନିତ୍ୟ ନିରନ୍ତର ମୋ ଅନ୍ତର ପ୍ରାର୍ଥନାରତ ।**

ଏହାପରେ ଯେତେବେଳେ ମଧ ଘଟିଛି କବି ପରିବାରଙ୍କ ଯେକୌଣସି ସଦସ୍ୟଙ୍କ ଦୁଃଖାନ୍ତକ ବିୟୋଗ ସେତେବେଳେ ଉପରୋକ୍ତ ପରମ୍ପରା ଅନୁସୃତି ହୋଇ ଆସିଛି ସସମ୍ମାନେ। ମୁଁ ଯେତେବେଳେ ସ୍ନାତକୋତ୍ତର ଶ୍ରେଣୀରୁ ହୋଇଥିଲି ଉତ୍ତୀର୍ଣ୍ଣ, ଭୁବନେଶ୍ୱରରେ କର୍ମରତ ବଡ଼ବାପା ବିନୋଦଚନ୍ଦ୍ର ମେହେର ଅବସର ଗ୍ରହଣ କରି ସପରିବାର ଫେରିଆସିଥିଲେ ବରପାଲିକୁ । ଆମ ସମସ୍ତଙ୍କ ଆନନ୍ଦର ସୀମା ନଥାଏ। କିନ୍ତୁ ସେହି ଆନନ୍ଦମୟ ଜୀବନଧାରା ହଠାତ୍ ହୋଇଗଲା ସ୍ଥିର ଓ ଶୋକାର୍ଦ୍ର ଭୁବନେଶ୍ୱରର ମାମାଙ୍କ ଆକସ୍ମିକ ବିୟୋଗ ଫଳରେ । କବିଙ୍କ ଚାରିପ୍ରପୌତ୍ର ଆମେ ଚାରିଭାଇ ମିହିର ଦାଦା, ମହେନ୍ଦ୍ର ଦାଦା, ମହେଶ ଦାଦା ଓ ସଦା ସାନଭାଇ ଭାବରେ ମୁଁ ... ସମସ୍ତେ ମାମାଙ୍କ ଗୌରବର୍ଣ୍ଣ ସୌନ୍ଦର୍ଯ୍ୟପୂର୍ଣ୍ଣ ଶରୀରକୁ କାନ୍ଧରେ ବୋହିନେଇଥିଲୁ ସେହି ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ। କବି ଭବନ ମଧ୍ୟଦେଇ ଶୋକାର୍ତ୍ତ ଲୋକଯାତ୍ରା ଯେତେବେଳେ ଚାଲିଥାଏ ନିଜ ମାଟିର କୂଳବଧୂଙ୍କ ପତି ଶେଷ ସ୍ପର୍ଶ ଦେବାପାଇଁ କବି ଭବନର ମାଟିରେ ଶୁଣାଯାଇଥିଲା ଅନ୍ତର ଥରା କ୍ରନ୍ଦନ । କବି ଭବନର ମୁଠାଏ ମାଟି ମାମାଙ୍କୁ ପ୍ରଦାନ କରିଥିଲୁ ପୁତ୍ର ଭାବରେ ଆମେ ଚାରିଭାଇ।

ଏହାର ପରବର୍ତ୍ତୀ ଘଟଣାଗୁଡ଼ିକ ବର୍ଣ୍ଣନାତ୍ମକ ଶୈଳୀରେ ଉପସ୍ଥାପନ କରିବାର ମୋର ଶକ୍ତି କାହିଁ ? ଯାହାଥିଲା କଳ୍ପନାର ବାହାରେ ତାହା ହିଁ ଘଟିଚାଲିଲା ଗୋଟିକ ପରେ ଗୋଟିଏ ବିୟୋଗାନ୍ତକ ବିଦାୟ ଲଗ୍ନରେ । ଅସମୟରେ ଚାଲିଗଲେ ଭାଉଜ ଶାରଦା। ଚାଲିଗଲା ବାରବର୍ଷ ବୟସରେ ପୁତୁରା ଦୀପ୍ତିମାନ, ବଡ଼ବାପା ପୂର୍ଣ୍ଣଚନ୍ଦ୍ର ମେହେର, ବଡ଼ମାମା ହାରା ମେହେର, ମଝିଆ ବଡ଼ବାପା ନବୀନ ଚନ୍ଦ୍ର ମେହେର, ମଝିଆଁ ମାମା ଧନମତୀ ମେହେର, ମୋର ପୂଜ୍ୟପିତା କିଶୋର ଚନ୍ଦ୍ର ମେହେର- ସମସ୍ତେ ଜଣଙ୍କ ପରେ ଜଣେ ଯେପରି ବାହୁଡ଼ିଗଲେ ପରଲୋକକୁ ତାହା ଆମ ଗୃହଟିକୁ କରିଦେଇଥିଲା ଶୂନ୍ୟତାମୟ। ଏ ସମସ୍ତଙ୍କ ଅନ୍ତିମ ଯାତ୍ରା ସମୟରେ କବି ପରିବାରର ପରମ୍ପରା ଅନୁସାରେ କବି ଭବନ ଆଗରେ ପ୍ରତ୍ୟେକଙ୍କୁ ଭୂଇଁ ଉପରେ ଅଟକାଇ ଦିଆଯାଉଥିଲା କିଛି ମୁହୂର୍ତ୍ତ ପାଇଁ ଓ ସେଇ ସମୟରେ କବି ଭବନର ପବିତ୍ର ମାଟିରେ ଅନୁସିକ୍ତ ହୋଇ ଯାଉଥିଲା ସମସ୍ତଙ୍କ ଅଦୃଶ୍ୟ ଆତ୍ମା । ମଝିଆଁ ପିଉସୀ ତ ଚାଲିଗଲେ ରାମପୁରରେ । ସାନ ପିଉସୀ ପଦ୍ମାଳୟା ମେହେରଙ୍କ ଦେହାନ୍ତ ଘଟିଲା, ତାଙ୍କ ବାସଭବନ ବରଗଡ଼ଠାରେ । ଏହି ଦୁଃସମ୍ବାଦ ପାଇ ଆମେ ପହଞ୍ଚିଥିଲୁ ସାନପିଉସୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ । ଶୁଣିଲୁ ଯେ ପିଉସୀଙ୍କର ଅନ୍ତିମ ଇଚ୍ଛାଥିଲା ସ୍ୱତନ୍ତ୍ର । ସେ ଆନ୍ତରିକ ଭାବରେ ଇଚ୍ଛାପ୍ରକାଶ କରିଥିଲେ ଯେ, ବରପାଲିର ପବିତ୍ର ମାଟିରେ ତାଙ୍କର ହେବ ଅନ୍ତିମ ସଂସ୍କାର । ତଦନୁସାରେ ପରଦିନ ସକାଳେ ବରପାଲିକୁ ପହଞ୍ଚିଥିଲେ ପିଉସୀଙ୍କ ଦୁଇପୁଅ ମନୋରଞ୍ଜନ ଦାଦା ଓ ସାନଭାଇ ମୃତ୍ୟୁଞ୍ଜୟ ନିଜ ସ୍ନେହମୟୀ ଜନନୀଙ୍କ ନଶ୍ୱର ଶରୀର ନେଇ । ତାହା ହିଁ ଘଟିଥିଲା । ସେଇ ବେଳକୁ ମଧ କବି ଭବନ ସମ୍ମୁଖରେ ରଖି ଦିଆଯାଇଥିଲା ସାନ ପିଉସୀଙ୍କୁ କିଛିକ୍ଷଣ ସକାଶେ । ଏଇ ଘରେ ତାଙ୍କର ଜନ୍ମ ଏଇ ଘରେ ସବୁଠାରୁ ସାନ ଭଉଣୀ ଭାବରେ ସମସ୍ତଙ୍କର ସେ ଥିଲେ ପ୍ରିୟ ଭାଜନ। ନିଜ ଭୂମିକନ୍ୟା ପଦ୍ମାଳୟାଙ୍କୁ ସ୍ନେହସିକ୍ତ ଚୁମ୍ବନ ଦେଇଥିଲା କବି ଭବନର ମୁଠାଏ ମୃତ୍ତିକା । ତହିଁ ପରେ ଯାତ୍ରା ଶେଷ ପର୍ଯ୍ୟାୟରେ ହୋଇଥିଲା ଉପନୀତ ।

କବି ପରିବାରର ସନ୍ତାନ ଭାବରେ ଏହି ସମସ୍ତ ଘଟଣାର ଜୀବନ୍ତ ସାକ୍ଷୀ ହୋଇ ରହିଆସିଛି ମୁଁ । ଏ ପରିବାରରେ କାହାରି ଜୀବନ ଅକାଳରେ ଅସ୍ତମିତ ହୋଇ ନଯାଉ ବୋଲି ନିତ୍ୟ ନିରନ୍ତର ମୋ ଅନ୍ତର ପ୍ରାର୍ଥନାରତ । ଜାଣେନା ସ୍ନେହମୟୀ ଜନନୀ କିମ୍ବା ମୋର ପ୍ରାଣବାୟୁ ଟିକକ କେଉଁ ସ୍ଥାନରେ ମିଳାଇଯିବ ନିଃସୀମ ଆକାଶରେ । ତେବେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି, ଆଉ ଯେଉଁଠି ବି ଏ ନଶ୍ୱର ଶରୀର ତ୍ୟାଗ କରିବାକୁ ପଡୁନା କାହିଁକି 'କବି ଭବନ'ର ପ୍ରତିଟି ଧୂଳିକଣାର ସୂକ୍ଷ୍ମସ୍ପନ୍ଦନ ସମସ୍ତଙ୍କ ନିକଟକୁ ନିଶ୍ଚୟ ପହଞ୍ଚିବ ଏବଂ ଆପଣା ହୃଦୟର ଲୋତକାର୍ଦ୍ର ଶ୍ରଦ୍ଧା ନିବେଦନ କରିବ ନିଶ୍ଚୟ ଆମର ପ୍ରିୟ 'କବି ଭବନ' ।

♥ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

## ସ୍ମୃତି ଶତଦଳ ୨୮୭

# କବି ସମ୍ମିଳନୀ-୨



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
(ମୋ) -୯୪୩୭୦୫୫୦୦୭

**ବାସ୍ତବ ଜୀବନ ସବୁବେଳେ ବେଶ୍ କଠୋର କିନ୍ତୁ ତଥାପି ସ୍ୱଳ୍ପ ସମୟ ପାଇଁ ହେଉପଛେ, କଳ୍ପନାର ସେ ପରୀରାଇଜକୁ ଉଡିଯାଇ ନିଜ ସର୍ଜନାରେ ତଲ୍ଲୀନ ହୋଇଯିବାର ଅନୁଭୂତି ନିଆରା । ସେଇ ସମୟ ମଧ୍ୟରେ ଗଢି ହୋଇଯାଏ ନିଜ ସୃଜନର ବିରାଟ ବିରାଟ ଇମାରତ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲରେ ଏମ୍.ବି.ବି.ଏସ ପଢୁଥିବା ବେଳେ ଏମିତି କୌଣସି ସମୟ ଯାଇନାହିଁ, ଯେଉଁ ବର୍ଷ ମୁଁ ପ୍ରଜାତନ୍ତ୍ରର ବିଷୁବ ମିଳନରେ କବିତାପାଠ ଆସରକୁ ଯାଇନାହିଁ ଓ କବିତା ପଢିନାହିଁ । ସେତେବେଳେ ମୋର କବି ଜୀବନର ଅରମ୍ଭ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ପରେ ପରେ ପ୍ରାୟ ସମୟ ମୁଁ ପ୍ରଜାତନ୍ତ୍ର ନାରୀଜଗତରେ ଆମ ମେଡିକାଲ କଲେଜର ମ୍ୟାଗାଜିନ ଇତ୍ୟାଦିରେ ଲେଖୁଥିଲି । ପାଶ୍ କଲାପରେ କିଛିଦିନ ରାଉରକେଲାରେ କବି ସମ୍ମିଳନୀରେ କବିତା ପାଠ କରୁଥିଲି । କିନ୍ତୁ ପ୍ରକୃତରେ ପି.ଜି କରି କଟକ ମେଡିକାଲ କଲେଜରେ ପୋଷ୍ଟିଂ ହେଲା ପରେ ହିଁ ଲେଖାଲେଖିର ପରିସର ବୃଦ୍ଧି ପାଇଲା ଏବଂ ଅଲ ଇଣ୍ଡିଆ ରେଡିଓର ବାର୍ଷିକ କବି ସମ୍ମିଳନୀ ତଥା ରାଜ୍ୟସ୍ତରୀୟ କବି ସମ୍ମିଳନୀକୁ ଯାଇ କବିତା ପାଠ କଲି । ମୋର ମନେଅଛି ଥରଟିଏ ଅଲ ଇଣ୍ଡିଆ ରେଡିଓ ତରଫରୁ ବରୀରେ କବି ସମ୍ମିଳନୀ ହେଉଥିଲା । ଆମେ ବରୀରେ ଯାଇ ପହଞ୍ଚିଲା ବେଳକୁ ଆରମ୍ଭରୁ ଶେଷ ଯାଏଁ ପ୍ରାୟ ୪୦-୫୦ଟି ସ୍ଥାନରେ ବହୁତ ବଡ ବଡ ତୋରଣ କରାଯାଇ ଫୁଲର ସ୍ତବକ ସବୁ ଲାଗିଥିଲା ଏବଂ ସବୁ ତୋରଣରେ ବଡ ବଡ ପ୍ଲାକାର୍ଡ ମରାଯାଇ ଲେଖାଯାଇଥିଲା 'ସ୍ୱାଗତଂ କବି' ବୋଲି । ଆମେ ସେ ତୋରଣ ଓ ସ୍ୱାଗତଂ ପଢି ବହୁତ ଖୁସି ହୋଇ ଯାଇଥିଲୁ । ତା'ପରେ ପରେ ବିରାଟ କବି ସମ୍ମିଳନୀ ହେଲା । ଆମେ ଅଲ୍ ଇଣ୍ଡିଆ ରେଡିଓ ତରଫରୁ ଯେଉଁମାନେ ନିମନ୍ତ୍ରିତ କବି ଥିଲୁଁ ସେମାନେ ଆଗ କବିତା ପାଠ କଲେ ଏବଂ ତା'ପରେ ଅନ୍ୟମାନେ ପଢିଲେ । ସେଠାରେ ଆମକୁ ଭବ୍ୟ ସମ୍ବର୍ଦ୍ଧନା ମିଳିଥିଲା । ବରୀରୁ ଫେରିଲା ବେଳକୁ ପୂଜ୍ୟ କବି ବ୍ରଜନାଥ ରଥ ଆମ କାରରେ କଟକ ଆସିଲେ । କିନ୍ତୁ ବରୀଠାରେ କବିମାନଙ୍କୁ ଯେଉଁ ସମ୍ବର୍ଦ୍ଧନା ଦିଆଯାଇଥିଲା, ତାହା ଚିରଦିନ ମନେ ରହିବ ।

ଅଲ୍ ଇଣ୍ଡିଆର ଆଉ ଗୋଟିଏ କବି ସମ୍ମିଳନୀ ହୋଇଥିଲା ସାକ୍ଷୀ ଗୋପାଳରେ । ସାକ୍ଷୀଗୋପାଳରେ ମଧ୍ୟ ଖୁବ୍ ସମ୍ବର୍ଦ୍ଧନା ଆମକୁ ମିଳିଥିଲା ଓ ବରପୁତ୍ରଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାପଣ ପରେ ଆମେ ତାଙ୍କରି ପ୍ରତିମୂର୍ତ୍ତି ତଳେ ବିରାଟ ସଭାରେ କବିତା ପଢିଥିଲୁ ଏବଂ କବିତା ପଢିବା ପରେ ପରେ ଆମେ ସାକ୍ଷୀଗୋପାଳ ମନ୍ଦିରକୁ ଯାଇଁ ରାଧାପାଦ ଦର୍ଶନ କରିଥିଲୁଁ ଏବଂ ତା'ପରେ ପରେ ପୁରୀ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରେ ଦର୍ଶନ କରିଥିଲୁଁ । କବିତା ପାଠ ସାଙ୍ଗକୁ ଶ୍ରୀମନ୍ଦିର ଦର୍ଶନ ଆମ ପାଇଁ ବରଦାନ ସଦୃଶ ଥିଲା । କଟକ ଆଖପାଖରେ ତ ଅନେକ କବିତା ସଭାରେ କବିତା ପଢିବାର ସୁଯୋଗ ମିଳିଛି କିନ୍ତୁ ପୁଣିଥରେ ଆକାଶବାଣୀର କବି ସମ୍ମିଳନୀ ଢେଙ୍କାନାଳରେ ଆଟେଣ୍ଡ କରିବା ମଧ୍ୟ ମୋ ପାଇଁ ଖୁବ୍ ସ୍ମରଣୀୟ ଦିନଥିଲା । ସେ ଦିନ ଥିଲା ରବିବାର । ପ୍ରତ୍ୟେକ କବି ସମ୍ମିଳନୀରେ କଟକ ଆକାଶବାଣୀରୁ ଗୋଟିଏ ବିରାଟ ବସ୍ ଯାଏ । କଟକରେ ଲଂଚ ଖାଇ ସବୁ କବି ବାହାରନ୍ତି ଏବଂ ବସ୍‌ରେ ଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚନ୍ତି କିନ୍ତୁ ମୁଁ ସମସ୍ତଙ୍କ ସାଙ୍ଗରେ ବସ୍‌ରେ ଏକାଠି ଯିବାର ଆନନ୍ଦ କେବେ ନେଇ ପାରିନାହିଁ କାରଣ ରବିବାର ମୋର ରୋଗୀ ସଂଖ୍ୟା ବେଶୀ ଥାଏ । କିନ୍ତୁ ରମାରମଣ ମତେ ଭରସା ଦେଲେ ଯେ ରୋଗୀ ଦେଖା ସରିଗଲେ ସେ ନିଜେ କାର୍‌ରେ ଡ୍ରାଇଭ କରି ନେଇଯିବେ ଢେଙ୍କାନାଳ । ଆମର କବିତା ପାଠର ଆରମ୍ଭ ସମୟ ଥିଲା ୭ଟା । କୌଣସି ମତେ ରୋଗୀ ଦେଖିସାରି ବାହାରିଲା ବେଳକୁ ସଂଧ୍ୟା ୬ଟା ବାଜିଥିଲା ଏବଂ ତା'ପରେ ସୁନ୍ଦର ଭାବରେ ମତେ ଡ୍ରାଇଭ କରି ନେଇଗଲେ ଢେଙ୍କାନାଳ । ଠିକ୍ ୭ଟା ବାଜିବା ବେଳକୁ ମୁଁ ସଭା ସ୍ଥଳରେ ପହଞ୍ଚି ଯାଇ କବି ସମ୍ମିଳନୀରେ କବିତା ପଢିବାର ଅପୂର୍ବ ସୁଯୋଗ ପାଇଲି । ସେତେବେଳେ ମଧ୍ୟ ଥାନ୍ତି ପୂଜ୍ୟ ଦୀପକ ମିଶ୍ର ଓ କବି ବ୍ରଜ ନାଥ ରଥ । କବି ପ୍ରତିଭା ଶତପଥୀ ମଧ୍ୟ ଥାନ୍ତି । କବିତା ଆବୃତ୍ତି ଖୁବ୍ ଭଲ ହୋଇଥିଲା । ତା'ପରେ ସେଇ ଚିରାଚରିତ କଥା ସମସ୍ତଙ୍କର ଡିନରରେ ଖାଇବା ପାଇଁ ନିମନ୍ତ୍ରିତ ମଧ୍ୟରେ ମତେ ରୋଗୀ୦ମାନଙ୍କ ପାଇଁ ଫେରିବାକୁ ପଡିଲା । ଅନେକ ବରିଷ୍ଠ କବି ଥଟ୍ଟାରେ ମତେ କହିଥିଲେ 'ଡାକ୍ତର ଲୋକ, ଆପଣ ଆମ କବିଙ୍କ ସାଙ୍ଗରେ ପଙ୍ଗତରେ ବସି କାହିଁକି ଡାଲଣା ଭାତ ଖାଇବେ ।' କେବଳ ରୋଗୀ ମାନଙ୍କ ପାଇଁ ଫେରୁଛି ବୋଲି ମତେ ବୁଝାଇବାକୁ ପଡିଥାଏ ।

ସେତେବେଳେ ମଧ୍ୟ ବହୁ ଦୂରଦୂରାନ୍ତରରୁ ରୋଗୀ ଆସି ଜଗୁଥିଲେ । ବାସ୍ତବ ଜୀବନ ସବୁବେଳେ ବେଶ୍ କଠୋର କିନ୍ତୁ ତଥାପି ସ୍ୱଳ୍ପ ସମୟ ପାଇଁ ହେଉପଛେ, କଳ୍ପନାର ସେ ପରୀରାଇଜକୁ ଉଡିଯାଇ ନିଜ ସର୍ଜନାରେ ତଲ୍ଲୀନ ହୋଇଯିବାର ଅନୁଭୂତି ନିଆରା । ସେଇ ସମୟ ମଧ୍ୟରେ ଗଢି ହୋଇଯାଏ ନିଜ ସୃଜନର ବିରାଟ ବିରାଟ ଇମାରତ । ବେଳେବେଳେ କବି ତାର ଚାରୁ ଅଙ୍ଗୁଳି ଚାଳନାରେ ସେଇ ଇମାରତ ହୋଇଯାଏ ଶଙ୍ଖ ମର୍ମର ତାଜମହଲ । କଳ୍ପନାର ସେ ବିରାଟ ମହଲ ଭିତରେ କବିଟିଏ ଦେଖେ ସ୍ୱପ୍ନ ଏବଂ ନିମଜିତ ହୋଇଯାଏ ଏକ ପୃଥକ୍ ପୃଥିବୀର ପରିସୀମାରେ । ସ୍ୱପ୍ନ ସରିଲେ, ସକାଳ ହେଲେ ସେ ନିଜସ୍ୱ ପୃଥିବୀକୁ କ୍ରମେ କ୍ରମେ ଅବତରଣ କରେ ।

(କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୨୧)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେଇ ସମୟ ମଧରେ ମୋର ମାମୁଁଘରେ ବାପୁ ଅର୍ଥାତ୍ ମୋର ମାମୁଁ ପରି ଏତେ ବଡ଼ ପଦପଦବୀରେ ଆଉ କେହି ହେଲେ ନଥିଲେ। ଅଜା ନିର୍ଣ୍ଣୟ କରିଥିଲେ ଯେ ଯଦିଓ ଝିଅମାନଙ୍କୁ ସିଏ ବେଶୀ ପାଠଶାଠ ପଢ଼େଇ ପାରିଲେନି ହେଲେ ସେମାନଙ୍କର ବିବାହ ସିଏ ଭଲ ଘରେ କରିବେ। ସୁଶୀଳା ମାଉସୀର ବାହାଘର ଖୁବ୍ ଜମି-ବାଡ଼ି ଥିବା ପିଲା ସହିତ ହୋଇଥିଲା। ମାଆ ପାଇଁ ବି ସିଏ କିରିଆ ପିଲା ଖୋଜୁଥିଲେ। ଅଜା ସମ୍ବନ୍ଧ ଖୋଜିବା ପାଇଁ ଖୁବ୍ ଦଉଡ଼ାଦଉଡ଼ି କଲେ। ଶେଷରେ ବିବାହ ପାଇଁ ସାମରିକ ବାହିନୀରେ କାମ କରୁଥିବା ଯବାନକୁ ଠିକ୍ କଲେ। ତାଙ୍କ ନାଁ ଥିଲା ମାରୁତି। ସିଏ ଦଶ ମହାର ରୋଜିମେଣ୍ଟରେ ସାଧାରଣ ସୈନିକ ଥିଲେ। କୋହ୍ଲାପୁରର ସୀମା ଯେଉଁଠି ସମାପ୍ତ ହୋଇଛି, ସେଇ ଖିଦ୍ରାପୁର ଗାଁ ନିକଟସ୍ଥ ଶିରଗୁପ୍ପୀ, ବେଲଗାଁଓ ଜିଲ୍ଲାର ଅଥନୀ ତହସିଲ୍‌ର ସାମିଲ୍ ଗାଁ। ଗାଁ ମଝି ଦେଇ ବୋହିଯାଇଛି କୃଷ୍ଣା ନଦୀ। ଏ ପଟେ ମହାରାଷ୍ଟ୍ର ଓ ଆର ପଟେ କର୍ଣ୍ଣାଟକ। ମାଆର ବି ବିବାହ ହୋଇ ଯାଇଥିଲା। ବାହାଘରର ମାସେ ପରେ ଅନ୍ନା ଅର୍ଥାତ୍ ମୋର ବାପା ଛୁଟି ସରିଯିବାରୁ ଫେରି ଯାଇଥିଲେ କାମକୁ। ସାମରିକ ବାହିନୀରେ ଥିବା ସ୍ୱାମୀ ବର୍ଷେ ପରେ ଫେରିବ। ଶ୍ୱଶୁର ଘରେ ଏକୁଟିଆ ରହିବା ସମୟରେ ମାଆର କଷ୍ଟ ଖୁବ୍ ବଢ଼ି ଯାଇଥିଲା। ଅଜା ଏଇଆ କହି ମାଆକୁ ବାପଘରକୁ ଆସିଲେ ଯେ, ସ୍ୱାମୀ ଫେରି ଆସିଲେ ଚାଲିଯିବୁ ଶାଶୁଘରକୁ। ଆଉ ସେବେ ଯାଏଁ ବାପଘରେ ରହ। ଆଉ ଏଇଠି ରହି ଆମ ସାଙ୍ଗରେ କାମ କରି ପେଟ ପୋଷ।

॥ କୋଡିଏ ॥

ମାଆ ବାପଘରେ ରହିବାକୁ ଲାଗିଲା। ସିଏ ବିଲବାଡ଼ିରେ କାମ କରିବା ଆରମ୍ଭ କରିଥିଲା। ୟା'ରି ଭିତରେ ସୁଶୀଳା ମାଉସୀ ବି ନିଜ ସ୍ୱାମୀ ସାଙ୍ଗେ ଝଗଡ଼ା କରି, ନିଜ ଝିଅକୁ ସାଙ୍ଗରେ ନେଇ ଫେରି ଆସିଲେ ବାପଘରକୁ। ସିଏ ବି କାମ କରିବାକୁ ଲାଗିଲେ। ଖାଇବା ପାଇଁ ପେଟ ବଢ଼ି ଚାଲିଥିଲା। ଆୟ ଥିଲା କମ୍। ମାମୁଁ ପ୍ରତି ମାସରେ ମନିଅର୍ଡ଼ର ପଠାଉଥିଲା। ଏତେଗୁଡ଼ିଏ ଖାଦ୍ୟ ପାଇଁ ଉନ୍ମୁକ୍ତ ମୁହଁ ଆଗରେ ମନିଅର୍ଡ଼ର ବା କେତେ ଦିନ ନିଜର କମାଲ୍ ଦେଖେଇ ପାରିବ? ଅଜା-ଆଇ, ମାଆ ଆଉ ତିନି ଜଣ ଯାକ ମାଉସୀ ବିଲବାଡ଼ିରେ ମୂଲିଆ କାମ କରୁଥିଲେ। ବାପା ଯେବେ ସେନାବାହିନୀରୁ ଫେରୁଥିଲେ ମାଆ ମାସେ /ଦୁଇ ମାସ ପାଇଁ ଶ୍ୱଶୁର ଘରକୁ ଚାଲିଯାଉଥିଲା। ଛୁଟି ସରିବାକ୍ଷଣି ମାଆ ପୁଣି ଫେରି ଆସୁଥିଲା ବାପଘରକୁ। ଝିଅକୁ ଭଲ ଶ୍ୱଶୁର ଘର ମିଳିଲାନାହିଁ। ତାର ସ୍ୱାମୀ ମଦ ପିଇ ତାକୁ ମାରପିଟ୍ କରୁଛି। ଏ କଥା ଜାଣି ଅଜାଙ୍କୁ ଖୁବ୍ ଖରାପ ଲାଗୁଥିଲା। ଝିଅପାଇଁ ଭଲ ଶ୍ୱଶୁରଘର ଖୋଜି ପାରି ନଥିବାରୁ ସିଏ ନିଜକୁ ପ୍ରତିଦିନ ଦଶଲକ୍ଷ ଗାଳି ଦେଉଥିଲେ। ସିଏ ଏଇ ମାନସିକତାରେ ବଞ୍ଚୁଥିଲେ ଯେ ତାଙ୍କ ଦ୍ୱାରା ଏକ ମହାପାପ ହୋଇଯାଇଛି। ଏମିତି ଏକ ମହାପାପ, ଯାହାର ପ୍ରାୟଶ୍ଚିତ କରାଯାଇପାରିବ ନାହିଁ। ଏକ ବିରାଟ ବୋଝ ତଳେ ଚାପି ହୋଇ ସିଏ ଛଟପଟ ହେଉଥିଲେ। ଶେଷ ଦୁଇ ଝିଅଙ୍କ ପାଇଁ ବରପାତ୍ର ଖୋଜିଲା ବେଳକୁ ସିଏ ଖୁବ୍ ସତର୍କ ହୋଇଯାଇଥିଲେ। ମାଆ ଶ୍ୱଶୁରଘରୁ ଫେରି ଯେତେବେଳେ ସେଠାକାର ଦୁଃଖଦୁର୍ଦ୍ଦଶା କଥା ବୟାନ କରୁଥିଲା, ଅଜାଙ୍କର ଛାତି ଯେମିତି ଫାଟି ଯାଉଥିଲ ।"ମୋ ଦ୍ୱାରା ଏକ ଅକ୍ଷମଣୀୟ ଅପରାଧ ହୋଇଗଲା ଝିଅ। ହେଲେ ଏବେ ଆଉ କଣ କରିପାରିବି। ଏବେଠାରୁ ତୁ ମୋଆରି ପାଖରେ ରହ। ମୁଁ ମରିଗଲେ ବି ପୁଅକୁ କହିକି ଯିବି, ମୋ ଝିଅକୁ ଏଇଠି, ଏଇ ଘରେ ରହିବାକୁ ଦେବ।" ଶେଷରେ ମାଆ ନିଜ ଶ୍ୱଶୁର ଘରର ଦୁଃଖ କାହାଣୀ ବଖାଣିବା ବନ୍ଦ କରି ଦେଇଥିଲା।

ଝିଅକୁ ଭଲ ଘର ମିଳିଲାନି। ଏଇ ଅପରାଧବୋଧ ଅଜାଙ୍କର ହୃଦୟକୁ ଦିନରାତି କୋରି କୋରି ଲହୁଲୁହାଣ କରୁଥିଲା। ସିଏ ପଶ୍ଚାତାପର ନିଆଁରେ ଜଳି ଜଳି ଭସ୍ମ ହେବାକୁ ଲାଗିଥିଲେ। ଏବେ କଣ କଲେ ନିଜକୁ ଉଚିତ ଦଣ୍ଡ ମିଳି ପାରିବ ତା ଉପରେ ବି ବିଚାର କରିବାକୁ ହେବ। ଝିଅ ପ୍ରଥମ ଥର ପାଇଁ ଶ୍ୱଶୁରଘରକୁ ଯାଇ ଫେରିଛି ଆଉ ତା ସାମ୍ନାରେ ଥିବା ଭବିଷ୍ୟତ କିପରି ଅନ୍ଧକାରାଚ୍ଛନ୍ନ ହୋଇ ରହିଛି ତାର ଅନ୍ଦାଜ ଅଜାଙ୍କୁ ହୋଇ ସାରିଥିଲା। ସିଏ ସଂକଳ୍ପ ନେଲେ ଯେ ଆଜିଠାରୁ କେବେ ହେଲେ ସିଏ ଝିଅର ଶ୍ୱଶୁର ଘରେ ପାଦ ରଖିବେ ନାହିଁ। ସିଏ ସାରା ଜୀବନ ଏଇ ପ୍ରତିଜ୍ଞାର ପାଳନ କଲେ। ଝିଅ ଶ୍ୱଶୁର ଘରକୁ ଗଲା ପରେ ଯଦି ତାଙ୍କର ଝିଅ କଥା ମନେ ପଡୁଥିଲା, ସିଏ ପାଦରେ ଚାଲି ଚାଲି ଖିଦ୍ରାପୁରରେ ପହଞ୍ଚି ଥିଲେ। କୃଷ୍ଣା ନଦୀର ଏଇ ପଟେ ଛିଡ଼ା ହୋଇ ଶିରଗୁପ୍ପୀ ଯାଉଥିବା କୌଣସି ବ୍ୟକ୍ତିଙ୍କୁ ଦାଦା-ବାପା କହି ତାକୁ ଅନୁରୋଧ କରୁଥିଲେ, "ମୋ ଝିଅକୁ କହିବ ତୁମର ବାପା ଆସିଛନ୍ତି। କୃଷ୍ଣା ନଦୀର ଆରପଟେ ଖିଦ୍ରାପୁର ସୀମାରେ ଅଛନ୍ତି। ଏଇ ଖବର ତାଙ୍କୁ ଦେବ। ମୁଁ ତୁମକୁ ହାତ ଯୋଡୁଛି "ସିଏ ଖୁବ୍ ବିନୟ ହୋଇ ଅନୁରୋଧ କରୁଥିଲେ।

ମାଆଙ୍କୁ ଯେମିତି ଏ ଖବର ମିଳୁଥିଲା, ସିଏ ଆଗପଛ ନ ବିଚାରି କୃଷ୍ଣା ନଦୀ ଦିଗରେ ଦୌଡ଼ିବା ଆରମ୍ଭ କରି ଦେଉଥିଲା। ଦୌଡୁଥିବା ସ୍ତ୍ରୀ ଲୋକକୁ ଦେଖି ଲୋକମାନେ ଆଶ୍ଚର୍ଯ୍ୟଚକିତ ହେଉଥିଲେ। କିଏ ପରୁଥିଲା "ଇଲନ୍ଦା ଏମିତି ଦୌଡୁଛୁ କାହିଁକି ?" ଏ କଥା ଶୁଣି ସିଏ ଉତ୍ତର ଦେଉଥିଲା 'ମୋର ବାବା ମୋର ସେଠି ପ୍ରତୀକ୍ଷା କରୁଛନ୍ତି ।"

ନିଜର ବାପାଙ୍କ ସାଙ୍ଗେ ଦେଖା କରିବାର ଅଦମ୍ୟ ଇଚ୍ଛା ପାଇଁ ମାଆ ଦେଢ-ଦୁଇ କିଲୋମିଟର ରାସ୍ତାକୁ ଦେଖୁଦେଖୁ ପାରି କରିଯାଏ। ନଦୀରେ ଅଧିକ ପାଣି ନଥାଏ। କେବେ କେବେ ତ ନଦୀ ଶୁଖିଲା ଥାଏ। ବର୍ଷା ଦିନରେ କୃଷ୍ଣା ନଦୀ ନଅ ଗଜ ଶାଢ଼ୀ ପିନ୍ଧିଥିବା ଏକ କୁଳନୀ ଘରର ବୋହୂ ପରି ଦିଶୁଥିଲା। ନଦୀର ଏପାରି କୂଳରୁ ମାଆ "ବାବା... ବାବା.." ବୋଲି ଡାକ ଛାଡୁଥିଲା। ଆଉ ଦୌଡ଼ି ଯାଇ ଗୁଡ଼େଇ ହେଇ ପଡୁଥିଲା ତାଙ୍କ ବେକରେ। ତାଙ୍କ ଛାତିରେ ଲୋଟି ଯାଇ ମନ ଭରି କାନ୍ଦୁଥିଲା। ବାବା ତା ଆଖିରୁ ଲୁହ ପୋଛି ଦେଉଥିଲେ। ମାଆର ଧାର ଧାର ଲୁହରୁ ଏ କଥା ଧରି ହେଉ ନଥିଲା ସେଥିରେ ଶ୍ୱଶୁର ଘରର ଦୁଃଖ ଯାତନାର ଭାଗ କେତେ ଆଉ ବାବା ସହିତ ଦେଖା ହେବାର ଖୁସି କେତେ? ମୁଁ ନିଜେ ବି କେତେଥର ତା' ସହିତ ଦୌଡ଼ି ଦୌଡ଼ି ଯାଇଛି। ସିଏ ମୋତେ ପଛରେ ଛାଡିଦେଇ ଦୌଡ଼ି ପଳାଏ। "ତୁ ଧୀରେ ଧୀରେ ଆସ ପଛରେ। ମୁଁ ଯାଉଛି ମୋ ବାପା ସାଙ୍ଗରେ ଦେଖା କରିବାକୁ।" ଏତିକି କହି ମାଆ ଯେମିତି ପବନରେ ବଦଳି ଯାଉଥିଲା। ବାପଘର ବିଷୟରେ ଆଉ ଶ୍ୱଶୁର ଘରେ ରହୁଥିବା ଝିଅ ମନରେ ନିଜର ବାବା ପ୍ରତି କି ପ୍ରକାର ଚୁମ୍ବକୀୟ ଆକର୍ଷଣ ଥାଏ ସେ କଥା ସେଇ ବୟସରେ ମୁଁ ବୁଝିପାରୁ ନଥିଲି। ହେଲେ ପରିଣତ ବୟସରେ ସେ କଥା ମୁଁ ବୁଝିପାରିଥିଲି। "କୌଣସି ବାହା ହେଲା ଝିଅ ପାଇଁ ତାର ବାପଘରର ମହତ୍ତ୍ୱ କଣ ? ବାପଘରକୁ ଯାଇଥିବା ରାସ୍ତାରେ ଯେତେ କଣ୍ଟାଝଣ୍ଟା ଥାଉ ସେ ପ୍ରତି ତାର ନିଘା ନଥାଏ। ସିଏ ଯଦି ସେଇ ରାସ୍ତାରେ ଯାଉ ଯାଉ ଝୁଣ୍ଟିବି ଗଲା, ତେବେ ବି ତାର ମନ ଏଇ କଥାକୁ ନେଇ ଖୁସି ଥାଏ ଯେ କମ୍ ସେ କମ୍ ବାପଘର ରାସ୍ତାରେ ପଡ଼ିଥିବା ପଥରରେ ସିଏ ଝୁଣ୍ଟିଛି ତ! ବହନାବାଇ ନିଜର ଶକ୍ତିଶାଳୀ କଲମରେ ଏଇ କଥା ଲେଖି ଯାଇଛନ୍ତି। ମୋତେ ଲାଗେ ଯେମିତି ବହନାବାଈଙ୍କର ସେଇ ସବୁ ଭାବନା ମୋ ମାଆର ଅସ୍ଥି-ମଜ୍ଜାଗତ ହୋଇଯାଇଛି ।

କେତେବେଳେ କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଖୁବ୍ ଗେହ୍ଲେଇ ହେଇ ମାଆ ତାର ବାବାଙ୍କୁ କହେ,"ବାବା ଯାହା ସବୁ ହୋଇଯାଇଛି ତାକୁ ଭୁଲିଯା' ଏବେ। ଯାହା ଭାଗ୍ୟରେ ଯାହା ଅଛି ତାହା ହିଁ ହେବ। ତୁ ଚାଲ ମୋ ଶ୍ୱଶୁର ଘରକୁ।"

ବାବା ତାକୁ କହନ୍ତି, "ନା ଝିଅ, ବାକି ଯାହା କରିବାକୁ କହୁଛୁ କହ। କିନ୍ତୁ ସେଠିକୁ ଡାକ ନା ଜମା।"

ବାବା ତାଙ୍କର ସଂକଳ୍ପକୁ ଶେଷ ଯାଏଁ ମାନି ଥିଲେ।

ଥରେ ବାବା ମୋ ପାଇଁ କିଛି ଖବର ନେଇ ଆସିଥିଲେ। ହେଲେ କୃଷ୍ଣା ନଦୀର କୂଳରେ ହିଁ ଅଟକି ଗଲେ। ଝିଅର ବାହାଘର ପରେ ଶିରଗୁପ୍ପୀ ଗ୍ରାମର ଚେହେରା ସିଏ କେବେହେଲେ ଦେଖି ନଥିଲେ। ମାଆର ନିଜର ବାପଘର ପ୍ରତି ଖୁବ୍ ବେଶୀ ଆକର୍ଷଣ ଥିଲା। ମାଆ ଅନେକ ଥର ପ୍ରଗଳଭ୍ ହୋଇ କହୁଥିଲା ଯେ ସିଏ ତାର ବାପଘର ପାଇଁ ଦରକାର ପଡିଲେ ନିଜର ଗଳାକାଟି ଦେଇପାରିବ । ନିଜର ଏକମାତ୍ର ଭାଇକୁ ତ ସିଏ ଜୀବନ ଠାରୁ ଅଧିକ ଭଲ ପାଉଥିଲା। ସାରା ସଂସାରରେ ସିଏ ଯଦି କାହାରି କଥା ମାନୁଥିଲା ତ ସିଏ ଥିଲା ତା ଭାଇ। ମୋର ମନେପଡୁନି ସବୁ ଭଉଣୀମାନେ କେବେ ଆଖି ଉଠେଇ ନିଜ ଭାଇକୁ ଚାହିଁବାର। ଏକ ସମ୍ମାନଜନକ ଭୟ ଭଉଣୀମାନଙ୍କ ହୃଦୟରେ ନିଜ ଭାଇ ପ୍ରତି ଯେମିତି ଖୋଦେଇ ହୋଇଯାଇଥିଲା। ଆମର ପୁରା ଜୀବନ ତାକୁ ଦେଇଦିଅ ଭଗବାନ, ଏମିତି ଏକ ଆକାଂକ୍ଷା ଥିଲା ଏଇ ଭଉଣୀମାନଙ୍କ ଓଠରେ। କେବେ କେବେ ତ ଏଇ ଭଲପାଇବା ଦେଖି ମୋର ବି ଈର୍ଷା ହୁଏ। ମାଆ ମୋ ଠାରୁ ବେଶୀ ତାର ବାପଘରକୁ ଭଲପାଏ। ଏକଥା ସ୍ପଷ୍ଟ ଭାବରେ ମୁଁ ଅନୁଭବ କରିପାରେ।

ଏଇ ବିଷୟରେ ତାକୁ କିଛି ପରିବା ପୂର୍ବରୁ ହିଁ ସିଏ କହୁଥିଲା, "ହଁ.. ବାପଘର ପାଇଁ ମୋ ମନରେ ଅଶେଷ ଭଲପାଇବା ଅଛି। ହଁ, ତା ପରେ କଣ କହ। ଆରେ ମୋ ବାପଘର ଯଦି ନଥାନ୍ତା ତୁମେମାନେ ସବୁ ଭିକ ମାଗିଥା'ନ୍ତ। ଆଜି ତୁ ବଡ଼ ହେଇଯାଇଛୁ ବୋଲି ଫୁଟାଣି ଦେଖାନା। ନିଜକୁ ଗୋଟେ ଦିଗ୍‌ବିଜୟୀ ବୋଲି ଭାବନା, ବୁଝିଲୁ। ତୋର ନାଭି-ନାଡ ବି ମୋର ବାପଘରେ ହିଁ ପୋତା ହୋଇଛି, ଏ କଥା ମନେ ରଖିଥିବୁ। ମୋର ବାପା ଯଦି ତୋତେ ସ୍କୁଲକୁ ପଠେଇ ନଥା'ନ୍ତେ ତେବେ ତୁ ଗାଁରେ ରହି ମରି ଯାଇଥିବା ଗାଈବଳଦର ଚମଡ଼ା ଉତାରୁ ଥାଆନ୍ତୁ। ତୁ ମୋତେ କଣ ଶିଖଉଛୁ ବାପ ଘର ବିଷୟରେ...।'

ତାର ବାପଘର ବିଷୟରେ ଯଦି ଗୋଟେ ଟେଢ଼ା ଶବ୍ଦ କହିଦେଲ ତେବେ ମାଆର ମୁହଁରୁ ନିଆଁ ବର୍ଷୁଥିଲା। ତାର କହିବା ବି ଏକଦମ୍ ଠିକ୍ ଥିଲା। ଆମେ ଭାଇ ଭଉଣୀମାନେ ସବୁ ମାମୁଁଘରେ ହିଁ ଜନ୍ମ ହୋଇଥିଲୁ, ସେଇଠି ବଢ଼ି ବଡ଼ ହୋଇଥିଲୁ। ମାମୁଁ ଆମକୁ କେବେ ପର ବୋଲି ଭାବୁ ନଥିଲେ। (କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବ

## ଜୀବନ ଯାତ୍ରାରେ ସାମାଜିକ ଦାୟିତ୍ୱବୋଧ ରହିଲେ ବ୍ୟକ୍ତିସତ୍ତା ଆଲୋକିତ ହୁଏ




ଭଦ୍ରକ , ୧୩/୦୫ (ନି.ପ୍ର): ନିଜର ଓ ନିଜ ପରିବାରର ସର୍ବାଙ୍ଗୀନ ଉନ୍ନତି ପାଇଁ ନିରନ୍ତର ଚେଷ୍ଟା କରିବା ସହ ସାମାଜିକ ପ୍ରତିବଦ୍ଧତା ରହିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ବାଞ୍ଛନୀୟ। ବ୍ୟକ୍ତିତ୍ୱରେ ଜୀବନ ଯାତ୍ରାରେ ସାମାଜିକ ପ୍ରତିଶ୍ରୁତି ପ୍ରତି ଅଙ୍ଗୀକାର ଦାୟିତ୍ୱ ବୋଧ ରହିଲେ ବ୍ୟକ୍ତିର ବ୍ୟକ୍ତିସତ୍ତା ଆଲୋକିତ ହୁଏ ବୋଲି ନାରାୟଣ ପ୍ରସାଦ କର ଟ୍ରଷ୍ଟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷକ, କର୍ମକାଣ୍ଡୀ, ବାସ୍ତୁଶାସ୍ତ୍ରୀ, କବି, ପଣ୍ଡିତ ନାରାୟଣ ପ୍ରସାଦ କରଙ୍କ ସ୍ମୃତିରେ ଗଠିତ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଂଗଠନ ନାରାୟଣ ପ୍ରସାଦ କର ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଭଦ୍ରକର ସାଂସଦ ମଂଜୁଲତା ମଣ୍ଡଳ ଉଦ୍‌ଘାଟକ, ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ପୂର୍ବତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା, ଟ୍ରଷ୍ଟର ପ୍ରତିଷ୍ଠାତା ଅବନ୍ତୀ କର, 'ଅମୃତ ଦର୍ଶନ' ପତ୍ରିକାର ସମ୍ପାଦକ, ପ୍ରବଚକ ପଣ୍ଡିତ ସଂଗ୍ରାମ ଆର୍ଯ୍ୟ, 'ନୂଆଯୁଗର ନୂଆସକାଳ' ପତ୍ରିକାର ସଂପାଦିକା ଇଂ. ଅବନ୍ତୀ ମଲ୍ଲିକ, ଅଖଣ୍ଡଳମଣି ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ଦୀଲ୍ଲିପ କୁମାର ମହାନ୍ତି ଓ ଭଦ୍ରକ ଜିଲ୍ଲା ଭା.ଜ.ପା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା ସମ୍ମାନନୀୟ ଅତିଥିଭାବେ ପ୍ରଥମ ଅଧିବେଶନରେ ଯୋଗ ଦେଇଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ରବିନାରାୟଣ ଖିଲାର ସ୍ୱାଗତ ଭାଷଣ, ଟ୍ରଷ୍ଟର ସଂପାଦକ ନୀହାର ରଂଜନ କର ସଂପାଦକୀୟ ବକ୍ତବ୍ୟ ରଖିଥିବା ବେଳେ ସାଂସ୍କୃତିକ ସଂପାଦକ ରାମନାରାୟଣ ମହାନ୍ତି ଓ ତାଙ୍କ ସାଥି ସ୍ୱାଗତ ସଂଗୀତ ସହ ଉଦ୍‌ଯାପନୀ ସଂଗୀତ ପରିବେଷଣ କରିଥିଲେ। କବୟିତ୍ରୀ ମନୋରମା ରାୟ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ପ୍ରକୃତି ବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିଲେ ଏବଂ କବି ବିଜୟ କୁମାର ବହଳୀ ବେଦପାଠ କରିଥିଲେ। ଶଶିକଳା ମିଶ୍ର, କ୍ଷମାମୟୀ ଲେଙ୍କା ଓ କ୍ଷିରାବ୍ଧି ତନୟା ଓଝା ସ୍ତୁତି ସଂଗୀତ ଗାନକରିଥିଲେ ଏବଂ ଦୀପାଳି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗୀତାରାଣୀ ଆଇଚ ସମ୍ପାଦିତ 'ଜଙ୍ଗଲ ରାଜା ବାଘମାମୁ' ଓ 'ସ୍ୱରଜବାର୍ତ୍ତା' ସମ୍ବାଦପତ୍ରର ନୂତନ ସଂଖ୍ୟା ପାଠକାର୍ପଣ ହୋଇଥିଲା। ସହ ସଂପାଦକ ପ୍ରଦୀପ କୁମାର ବେହେରା, ନୟନ ରଞ୍ଜନ କର, ନାରାୟଣ ପାଢ଼ୀ ଓ ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଭଦ୍ରକ ଗୀତି କବି ସମାଜ' ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଗୀତି କବିତା ପାଠଉତ୍ସବ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ତଥା ବରିଷ୍ଠ ସାହିତ୍ୟିକ ପ୍ରାଧାପକ ଡ. ବ୍ରଜମୋହନ ମିଶ୍ର ଏହି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଓଡିଆ ଗୀତି କବି ସମାଜର ସଭାପତି ଗୌର ପଟ୍ଟନାୟକ ମୁଖ୍ୟ ଅତିଥି, ବିଶିଷ୍ଟ ଗୀତିକବି ଓ ପ୍ରଶାସକ ଡ. ଲିଙ୍ଗରାଜ ରଥ ମୁଖ୍ୟବକ୍ତା, ଓଡିଆ ଗୀତି ସମାଜର ସଂପାଦକ ପ୍ରେମଚନ୍ଦ ମହାନ୍ତି, ବରିଷ୍ଠ ଗୀତକାର ଓ ସୁରକାର ଲକ୍ଷ୍ମୀନାରାୟଣ ମହାନ୍ତି, ନାଟ୍ୟଶ୍ରୀ ନିର୍ମଳ ରାଉତ, କୃଷି ଅଧିକାରୀ ଓ ଗୀତିକାର ଅରୁଣ ପାତ୍ର ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ ଏବଂ ଗୀତି କବି ସମାଜର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର ଉକ୍ତ ଆସରରେ ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ଗୀତିକବି ମାନସ ପଣ୍ଡା, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ି, ଶିକ୍ଷୟିତ୍ରୀ ମନୋରମା ରାୟ ଗୀତ ଗୁଡିକୁ ସଂଯୋଜନା କରିଥିଲେ। ଏହି ଆସରରେ ଶ୍ରମିକ ନେତା ବାମଦେବ ମିଶ୍ର ଅତିଥିମାନଙ୍କୁ ମଞ୍ଚନିମନ୍ତ୍ରଣ କରିଥିଲେ। ବିଶିଷ୍ଟ ଗୀତିକବି, ଶିକ୍ଷକ ଗୟାଧର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ଜ୍ୟୋସ୍ନାରାଣୀ ପଣ୍ଡା(କୁନି) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଅଧ୍ୟାପକ ମାଧବଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବାର୍ଷିକ ଉତ୍ସବରେ ସମାଜରେ ପ୍ରତିଭାରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବାଗ୍ମୀ ଓ ଶିକ୍ଷାବିତ୍ ଡ. ବ୍ରଜମୋହନ ମିଶ୍ର, ଡା. ହରେକୃଷ୍ଣ ନାୟକ, କବିୟିତ୍ରୀ ଶାନ୍ତିଲତା ନାଗ, ସାରସ୍ୱତ ସାଧକ ପ୍ରାଧାପକ ସୁରେନ୍ଦ୍ର ପ୍ରସାଦ ମହାନ୍ତି, କାବ୍ୟକାର ପଣ୍ଡିତଶ୍ରୀ ଶିବ ପ୍ରସାଦ ଦାଶ, ପଣ୍ଡିତ ପୀତବାସ ସନ୍ଧିବିଗ୍ରହ, ଗୀତିକବି ପୀତାମ୍ବର ମିଶ୍ର, ପଣ୍ଡିତ ସଂଗ୍ରାମ ଆର୍ଯ୍ୟ, ଶିକ୍ଷାବିତ୍ ଗଗନ ବିହାରୀ ରାଉତ, ଶିକ୍ଷାବିତ୍ ଉମାକାନ୍ତ ନାୟକ, ବିଶିଷ୍ଟ ମଞ୍ଚ, ଦୂରଦର୍ଶନ ଓ ଚଳଚିତ୍ର ଅଭିନେତା ଅମ୍ବିକା ବଲ୍ଲଭ ସ୍ୱାଇଁ ଓ ପାଲା ଗାୟକ ଲକ୍ଷ୍ମଣ ଚରଣ ରାଉତଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବୟିତ୍ରୀ ଚୈତାଳି ଖିଲାର, ସୁମିତ୍ରା ପାଣି, ନୂପୁର ଘୃତ କୌଶିକ, ଦୀପ୍ତିମୟୀ ସାହୁ ପ୍ରମୁଖ ଉତ୍ସବକୁ ପରିଚାଳନା କରିଥିଲେ।

# ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ବିଦାୟ ସମ୍ବର୍ଦ୍ଧନା



ବାରିପଦା , ୧୩/୦୫ (ନି.ପ୍ର): ମହାରାଜ ପୁର ସ୍ଥିତ ମୟୂରଭଞ୍ଜ କେଲଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜେମଣ୍ଟର ରସାୟନ ଓ ପଦାର୍ଥ ବିଜ୍ଞାନ ବିଭାଗର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପଦାର୍ଥ ବିଜ୍ଞାନ ମୁଖ୍ୟ ମଦନ ମୋହନ ସାହୁଙ୍କ ସଭାପତିତ୍ୱେର ଅନୁଷ୍ଠିତ ହୋଇଯାଇଅଛି । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଆଗକୁ ବଢ଼ି ନିଜର ଲକ୍ଷ୍ୟ ହାସଲ କରିବା ନିମେନ୍ତ ଉପଦେଶ ଦେବା ସହିତ ଆତ୍ମନିଭର୍ରଶୀଳ ହୋଇ କମର୍ଠ ହେବା ପାଇଁ ବାର୍ତ୍ତା ପ୍ରଦାନ କରିଥେ୍ଲ। ରସାୟନ ବିଭାଗ ମୁଖ୍ୟା ପୁର୍ଣିମା ମହାନ୍ତି, ବିଭାଗୀୟ ଅଧ୍ୟାପିକା ଦିପ୍ତୀଶ୍ରୀ ବେହେରା ଓ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଦେବାଶ୍ରୀତା ବିଶ୍ୱାଳ ଛାତ୍ର ଛାତ୍ରୀ ଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥେ୍ଲ। ଶେଷ ବଷର୍ରେ ବିଦାୟ ନେଉଥିବା ଛାତ୍ର ଛାତ୍ରୀ ମାେନ ତିନି ବଷର୍ର ଅଭିଜ୍ଞତା ବ୍ୟକ୍ତ କରିଥେ୍ଲ। ବିଭାଗୀୟ ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସେଙ୍ଗ ସେଙ୍ଗ ଅମସ୍ତଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ବିଭାଗୀୟ ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ର ଛାତ୍ରୀ ରତିେଶ ପ୍ରଧାନ, ଭବାନୀ ଶଙ୍କର ମହାନ୍ତ, ପ୍ରୀତମ ବିଶ୍ୱାଳ, ଶଙ୍କର ମାରାଣ୍ଡି, ପ୍ରେୟସୀ ପଲ୍ଲବୀ, କୁମାର ରଞ୍ଜନ ଦାସ, ଯଶସ୍ୱୀ ବେଶାଇ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥେ୍ଲ ।

## କଚେରୀ ହତାରେ ବର-ଅଶ୍ୱତ୍ଥ ବୃକ୍ଷ ବିବାହ ବାର୍ଷିକ

ବାଲେଶ୍ୱର, ୧୩/୦୫ (ନି.ପ୍ର): ବାଲେଶ୍ୱର କଚେରୀ ହତା ପରିସରରେ ଥିବା ବର-ଅଶ୍ୱତ୍ଥ ବୃକ୍ଷଙ୍କ ଦଶମ ବିବାହ ବାର୍ଷିକୀ ଆଜି ବିଭିନ୍ନ କର୍ମକାଣ୍ଡ ମଧ୍ୟରେ ପାଳିତ ହୋଇଯାଇଛି। ୧୦ବର୍ଷ ପୂର୍ବେ ଅର୍ଥାତ ୨୦୧୪ ମସିହା ମଇମାସ ୧୩ ତାରିଖରେ ଏହି ବର-ଅଶ୍ୱଥ ବୃକ୍ଷର ବିବାହ କରାଯାଇଥିଲା। କଚେରୀ ହତା ଷ୍ଟାମ୍ପ ଭେଣ୍ଡର ତ୍ରିଦୋଷ ପତି ଓ ପାନଦୋକାନୀ ପୁରୁଷୋତ୍ତମ ବେହେରା ୧୬ ବର୍ଷ ପୂର୍ବେ ଏହି ଦୁଇବୃକ୍ଷ ରୋପଣ କରିଥିଲେ। ଦୁଇ ବୃକ୍ଷ ବଢ଼ିବା ସହିତ ଉଭୟଙ୍କ ଡାଳ ଯୋଡ଼ିବା ପରେ ୨୦୧୪ ମସିହାର ଆଜିର ଦିନରେ ଭେଣ୍ଡର ଆସୋସିଏସନ, ମୋହରିର ସଂଘ, ଓକିଲ ଓ ସ୍ଥାନୀୟ ଦୋକାନୀଙ୍କ ସହଯୋଗରେ ଏହି ବୃକ୍ଷ ବିଭାଘର ଅନୁଷ୍ଠିତ ହୋଇଥିଲା ବୋଲି ବରକର୍ତ୍ତା ଶ୍ରୀ ପତି ସୂଚନା ଦେଇଛନ୍ତି। ଶନିବାର ଆୟୋଜିତ ବିବାହ ବାର୍ଷିକ କର୍ମକାଣ୍ଡ ସମ୍ପାଦନରେ ପୁରୋହିତ ଶ୍ରୀ ପତି ଓ ପତ୍ନୀ ତପସ୍ୱିନୀ ପତି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୟାଧର ବେହେରା, ରମାକାନ୍ତ ଗିରି, ସବିତା ଜେନା, ପୁରୁଷୋତ୍ତମ ବେହେରା, ବୁଲୁ ସୂତାର, ଲକ୍ଷ୍ମୀନାରାୟଣ ପୁହାଣ, ପୀତାମ୍ବର ବରାଳ, ବସନ୍ତ କୁମାର ଜେନା, ରମାକାନ୍ତ ସାହୁ, ଲାଲ ମୋହନ ପାଣିଗ୍ରାହୀ, ତ୍ରୟନାଥ ବାଗ, ଦେବଜିତ ଜେନା, ମନୋଜ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଧି ଅନୁସାରେ ଉଭୟ ବୃକ୍ଷକୁ ପୂଜାର୍ଚ୍ଚନା କରାଯାଇଥିଲା।

# କର୍ଣ୍ଣାଟକରେ କଂଗ୍ରେସର ବିପୁଳ ବିଜୟ: ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ବିଜୟ ଉତ୍ସବ ପାଳିତ




ବାଲେଶ୍ୱର, ୧୩/୦୫ (ନି.ପ୍ର): କର୍ଣ୍ଣାଟକ ବିଧାନସଭା ନିର୍ବାଚନ ଫଳାଫଳ କୁ ନେଇ ବାଲେଶ୍ୱର ଜିଲ୍ଲା କଂଗ୍ରେସ ଉଷାସହିତ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟା ରେ ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ନେତୃତ୍ୱ ରେ ଦଳର କର୍ମକର୍ତ୍ତା ଓ କର୍ମୀମାନେ ଷ୍ଟେସନ ଛକ ରେ ବାଣ ଫୁଟାଇ ଓ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରିଥିଲେ, ବାଜା ର ତାଳେ ତାଳେ ଖୁସି ରେ ନାଚି ପରିବେଶକୁ ସରଗରମ କରିଦେଇଥିଲେ। ଏହି ଅବସର ରେ ଜିଲ୍ଲା ସଭାପତି ଶ୍ରୀ ଗିରି କର୍ଣ୍ଣାଟକ ର ମତଦାତା, ଙ୍କ ସମେତ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଏ ଆଇ ସି ସି ସଭାପତି ମାଲିକର୍ଜୁନ ଖାଡ଼ଗେ ଓ ରାଜ୍ୟ ର ନେତୃବୃନ୍ଦ ଙ୍କ ଉଦ୍ୟମ କୁ ପ୍ରଶଂସା କରିଛନ୍ତି। ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ମନ୍ତ୍ରୀ ଅମିତ ଶାହାଙ୍କ ସ୍ୱେଚ୍ଛାଚାରୀ ଶାସନ, ମିଥ୍ୟା ପ୍ରତିଶ୍ରୁତିଓ ଦରବୃଦ୍ଧି ସାଙ୍ଗକୁ ମୁଦ୍ରାସ୍ଫିତି ଯୋଗୁଁ କର୍ଣ୍ଣାଟକ ର ଜନତା ଏହି ନେତାମାନଙ୍କୁ ଉଚିତ ଶିକ୍ଷା ଦେଇଛନ୍ତ। ରାହୁଲ ଗାନ୍ଧୀ ଙ୍କ ଭାରତ ଯୋଡ ଯାତ୍ରା ଦ୍ୱାରା କର୍ଣ୍ଣାଟକ ର ଜନତା ପୁଣି ଥରେ ସ୍ୱେଚ୍ଛାଚାରୀ ସରକାର ଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲେ। କର୍ଣ୍ଣାଟକର ରୁ ହିଁ କଂଗ୍ରେସ ର ବିଜୟ ଜୟ ଯାତ୍ରା ଆରମ୍ଭ ହେଲା ବୋଲି ଶ୍ରୀ ଗିରି କହିଛନ୍ତ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପି ସି ସି ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ଉପସଭାପତି ଗୋପୀନାଥ ପାଢ଼ୀ, ମହିଳା କଂଗ୍ରେସ ସଭାପତି ପ୍ରଜ୍ଞା ପାରମିତା ମହାନ୍ତି, ଯୁବ କଂଗ୍ରେସ ଜିଲ୍ଲା ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଜିଲ୍ଲା କଂଗ୍ରେସ ସଂଖ୍ୟା ଲଘୁ ସଭାପତି ଶେଖ ଅସଗର,, ଅଣ ସଂଗଠିତ ଶ୍ରମିକ ସେଲ ସଭାପତି ବିକାଶ କୁମାର ଦାସ, ବାସନ୍ତୀ ସାମଲ, ତୁଷାର କାନ୍ତି ତପସ୍ୱି,ସଂଯୁକ୍ତା ବେହେରା, ଦୀପକ ନାୟକ ପ୍ରମୁଖ ବିଜୟ ଉତ୍ସବ ରେ ସାମିଲ ହୋଇଥିଲେ।

## ବାଙ୍ଗିରିପୋଷି-ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ ପୁରୀକୁ ସମ୍ପ୍ରସାରିତ

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ବାଙ୍ଗିରିପୋଷି-ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସକୁ ୧୫ ମଇ ୨୦୨୩ ଠାରୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ରେଳ ମନ୍ତ୍ରଣାଳୟ ନିଷ୍ପତି ନେଇଛି । ୧୨୮୯୨ ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସ ପୁରୀ ଠାରୁ ଅପରାହ୍ନ ୪ଘ.୨୦ମି ରେ ଛାଡି ରାତ୍ରି ୧୧ଘ.୦୫ମି ରେ ବାଙ୍ଗିରିପୋଷି ଠାରେ ପହଂଚ । ଫେରିବା ମାର୍ଗରେ, ୧୨୮୯୧ ବାଙ୍ଗିରିପୋଷି - ଭୁବନେଶ୍ୱର ଏକ୍ସପ୍ରେସ ବାଙ୍ଗିରିପୋଷିରୁ ଭୋର ୪ଘ.୨୦ମି ରେ ଛାଡି ପୁରୀ ଠାରେ ପୂର୍ବାହ୍ନ ୧୧ଘ.୦୫ମି ରେ ପହଂଚିବ । ଭୁବନେଶ୍ୱର ଏବଂ ପୁରୀ ମଧରେ ସମ୍ପ୍ରସାରିତ ପଥରେ ଏହି ଟ୍ରେନ ଖୋର୍ଦ୍ଧା ରୋଡ଼, ସାକ୍ଷୀଗୋପାଳ ଷ୍ଟେସନ ମାନଙ୍କଠାରେ ରହଣି କରିବ । ଭୁବନେଶ୍ୱର ଏବଂ ବାଙ୍ଗିରିପୋଷି ମଧରେ ଏହି ଟ୍ରେନ୍ ପାଇଁ ସମୟ ଏବଂ ନିର୍ଦ୍ଧାରିତ ଷ୍ଟପେଜ୍ ଉଭୟ ଦିଗରୁ ଅପରିବର୍ତିତ ରହିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଝାରସୁଗୁଡ଼ାରେ.....

ଆଉ ଶେଷରେ ସେ ୪୮ ହଜାରରୁ ଅଧିକ ଭୋଟରେ ବିଜୟୀ ହୋଇଥିଲେ। ସେହିପରି ଏହି ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଓଡ଼ିଶା ପ୍ରଗତି ଦଳର ପ୍ରାର୍ଥୀ ଜନ୍ମ ରୋହିଦାସ ୭୧୭ ଖଣ୍ଡ ଭୋଟ ପାଇଥିବା ବେଳେ ଓଡ଼ିଶା ଜନତା ପାର୍ଟିର ମନୀଷ ଶର୍ମା ୨୮୬, କଳିଙ୍ଗ ସେନାର ମହେନ୍ଦ୍ର ପଟ୍ଟନାୟକ ୪୨୮, ସ୍ୱାଧୀନ ପ୍ରାର୍ଥୀ ବିଜୟ କୁମାର ଜଲାନ ୪୫୪, ମହେନ୍ଦ୍ର ଲୁହା ୮୩୦ ଓ ଜ୍ଞାନେନ୍ଦ୍ର ବେହେରା ୯୭୨ ଖଣ୍ଡ ଭୋଟ୍ ପାଇଛନ୍ତି। ନୋଟାରେ ୨୦୭୪ ଖଣ୍ଡ ଭୋଟ ପଡ଼ିଛି। ଦୀପାଳିଙ୍କ ବାପା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗତ ଜାନୁଆରୀ ୨୯ ତାରିଖରେ ବ୍ରଜରାଜନଗରରେ ଗୁଳି କରି ହତ୍ୟା କରାଯିବା ପରଠୁ ଝାରସୁଗୁଡ଼ା ବିଧାନସଭା ଆସନ ଖାଲି ପଡ଼ିଥିଲା। ୨୦୧୯ ନିବାଚନରେ ଦୀପାଳିଙ୍କ ବାପା ନବ କିଶୋର ଦାସ ଏହି ଆସନରେ ୪୫ ହଜାରରୁ ଅଧିକ ଭୋଟରେ ବିଜେପି ପ୍ରାର୍ଥୀ ଦୀନେଶ କୁମାର ଜୈନଙ୍କୁ ପରାସ୍ତ କରିଥିଲେ। ସ୍ୱର୍ଗତ ନବ କିଶୋର ଦାସ ୯୮,୬୨୦ ଖଣ୍ଡ ଭୋଟ୍ ପାଇଥିବା ବେଳେ ଦୀନେଶ ଜୈନ ୫୨,୯୨୧ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାଏକ ୧୮,୮୨୩ ଖଣ୍ଡ ଭୋଟ ପାଇଥିଲେ। କିନ୍ତୁ ଏଥର କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ୫ ହଜାର ଭୋଟ୍ ମଧ ପାଇଲେ ନାହିଁ। ଗତ ଥର ଠାରୁ କଂଗ୍ରେସ ଖାତାରେ ଏଥର ୧୪,୩୨୭ ଖଣ୍ଡ ଭୋଟ ପଡ଼ିବ।

## ଓଡ଼ିଶା ପାଇଁ ....

ଝିଅମାନଙ୍କୁ ଅସମ୍ମାନ କରୁଛନ୍ତି, ସେମାନେ ଲୋକଙ୍କ ବିରୋଧରେ କାମ କରୁଛନ୍ତି। ସେମାନଙ୍କୁ ଓଡ଼ିଶାର ଲୋକେ କ୍ଷମା ଦେବେନି। ପଦ୍ମପୁର ଉପନିର୍ବାଚନ ବେଳେ ବିରୋଧୀ ଦଳ ଆମ ମା' ମାନଙ୍କୁ ଅସମ୍ମାନ କରିଥିଲେ। ମହିଳା ପ୍ରାର୍ଥୀଙ୍କୁ ଖରାପ ଭାଷାରେ ଗାଳି କରିଥିଲେ। ସେହିପରି ଝାରସୁଗୁଡ଼ାରେ ସେମାନେ ବାପାଙ୍କୁ ହରାଇଥିବା ଝିଅକୁ ଗାଳି କରିଥିଲେ। ପ୍ରତ୍ୟେକ ଉପନିର୍ବାଚନରେ ସେମାନେ ମିଶନ ଶକ୍ତିର ନେତ୍ରୀ ତଥା ତଳସ୍ତରରେ କାମ କରୁଥିବା ମା'ମାନଙ୍କୁ ସମାଲୋଚନା କରୁଛନ୍ତି। ଏହାର ସାକ୍ଷୀ ଓଡ଼ିଶା ଇତିହାସ ଓ ଓଡ଼ିଶା ଲୋକେ। ଓଡ଼ିଶାବାସୀ ଏଭଳି ଅସମ୍ମାନକୁ କେବେ ବି ବରଦାସ୍ତ କରିନାହାନ୍ତି। ଆମର ଝିଅମାନେ ଆମର ଗର୍ବ। ବିଜେଡି ସବୁବେଳେ ସାଧାରଣ ଜୀବନରେ ଝିଅମାନଙ୍କ ଯୋଗଦାନକୁ ଉତ୍ସାହ ଦେଇ ଆସିଛି। ସେମାନଙ୍କ ଅଧିକାର ପାଇଁ ଦୃଢ଼ ଭାବରେ ସେମାନଙ୍କ କଥା କହିବା ପାଇଁ ପ୍ଲାଟଫର୍ମ ମିଶନ ଶକ୍ତି ଯୋଗାଇ ଦେଇଛନ୍ତି। ହାଣ୍ଡିଶାଳ ଚାରିକାନ୍ଥ ଭିତରୁ ସେମାନଙ୍କୁ ବାହାରକୁ ଆଣି ମିଶନ ଶକ୍ତି ଜରିଆରେ ସଶକ୍ତ କରିଛି। ମିଶନ ଶକ୍ତି ତାର ଆଦର୍ଶରେ ବିଶ୍ୱାସ କରେ। ବିରୋଧୀ ଦଳ ସର୍ବଦା ମହିଳାଙ୍କ ସଶକ୍ତିକରଣକୁ ବିରୋଧ କରିଆସିଛି। ଏହା ଏକ ବିପଦପୂର୍ଣ୍ଣ ବିଷୟ। ଓଡ଼ିଶାବାସୀ ଏଭଳି ବ୍ୟବହାରକୁ ସବୁବେଳେ ନାପାସନ୍ଦ କରିଆସିଛନ୍ତି ଓ ପ୍ରତ୍ୟାଖ୍ୟାନ କରିଛନ୍ତି ବୋଲି ନବୀନ ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି। ଅନ୍ୟପଟେ ଜଣେ ପକ୍କା ରାଜନେତା ଭାବେ କହିଛନ୍ତି, ଝାରସୁଗୁଡ଼ା ଉପନିର୍ବାଚନର ବିପୁଳ ବିଜୟ ଝାରସୁଗୁଡ଼ାବାସୀଙ୍କର ବିଜୟ। ମହିଳା ଶକ୍ତିର ବିଜୟ। ଏଥିପାଇଁ ସେ ଓ ବିଜେଡି ଝାରସୁଗୁଡ଼ା ଲୋକଙ୍କ ନିକଟରେ ଋଣୀ। ଖରା ଓ ଗରମରେ କାମ କରିଥିବା ବିଜେଡିର ଲକ୍ଷାଧିକ କର୍ମୀଙ୍କୁ ଧନ୍ୟବାଦ। ନବୀନ ମଞ୍ଚରେ କଥା ଦେଇ କହିଛନ୍ତି, ଝାରସୁଗୁଡ଼ା ଅଞ୍ଚଳର ଉନ୍ନତି ପାଇଁ ସେ ଓ ବିଜେଡି ତାର ଉଦ୍ୟମକୁ ଆହୁରି ଯୋରଦାର କରିବ। ଝାରସୁଗୁଡ଼ା ପାଇଁ ନବ ଦାସ ଆରମ୍ଭ କରିଥିବା ଉଦ୍ୟମକୁ ଆଗକୁ ନିଆଯିବ। କର୍ମୀମାନଙ୍କୁ ଆହ୍ୱାନ ଦେଇ ସେ କହିଛନ୍ତି, ସମସ୍ତେ ମିଳିମିଶି ଓଡ଼ିଶାର ଉନ୍ନତି, ଗଣତାନ୍ତ୍ରିକ ମୂଲ୍ୟବୋଧ, ସାଂସ୍କୃତିକ ସ୍ୱାଭିମାନ ଓ ମା'ମାନଙ୍କୁ ସମ୍ମାନ ଓ ଅଧିକାର ସୁରକ୍ଷା ପାଇଁ କାମ କରିବା। ବିଜଡି ସର୍ବଦା ଓଡ଼ିଶା ଲୋକଙ୍କ ସହିତ, ମହିଳାଙ୍କ ସହିତ ଓ ଓଡ଼ିଶାକୁ ସଶକ୍ତିକରଣ କରିବା ସହିତ ରହିଛି। ସୂଚନା ଥାଉକି, ବିଜେପି ରାଜ୍ୟରେ ଡବଲ ଇଞ୍ଜିନ ସରକାର କରିବା ନିମନ୍ତେ ନିର୍ବାଚନ ବେଳେ ଲୋକଙ୍କୁ ଆହ୍ୱାନ ଦେଇଆସୁଛି। ମୁଖ୍ୟମନ୍ତ୍ରୀ ପରୋକ୍ଷରେ ବିଜେପିକୁ ଟାର୍ଗେଟ କରି ଏଭଳି କଟାକ୍ଷ ଓ ସମାଲୋଚନା କରିଥିବା ଜଳଜଳ ଦିଶିଛି।

## ଆସନ୍ତା ୧୫ରୁ....

ସେପଟେ ରବିବାରଠୁ ବଦଳିବ ପାଗ ବଢିବ ଖରା ଗରମ । ଦିନର ତାପମାତ୍ରା ବୃଦ୍ଧି ପାଇବା ସହ ୧୫ ତାରିଖରୁ ଜାରି ହେବ ହିଟ୍ ୱେଭ୍ ସ୍ଥିତି । ୧୫ ତାରିଖରେ ସୁନ୍ଦରଗଡ, ଝାରସୁଗୁଡ଼ା, ସମ୍ବଲପୁର ଓ ସୋନପୁରରେ ହିଟ୍ ୱେଭ୍ ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ୧୬ରେ ଆଭ୍ୟନ୍ତରୀଣ ୧୬ ଜିଲ୍ଲାକୁ ହିଟ୍ ୱେଭ୍ ନେଇ ଆଲର୍ଟ ଜାରି ହୋଇଥିବା ବେଳେ ୧୭ରେ ୫ ଜିଲ୍ଲାକୁ ସତର୍କ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । କାଳବୈଶାଖୀର ପ୍ରଭାବ ରାଜ୍ୟରେ କମିଥିବା ବେଳେ ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ଗରମ ଓ ଶୁଷ୍କ ବାୟୁ ଓ ସୂର୍ଯ୍ୟଙ୍କ ପ୍ରଖର ସୌର ଶକ୍ତି ଯୋଗୁଁ ରାଜ୍ୟରେ ତାପମାତ୍ରା ଆଗାମୀ ଦିନରେ ୪୫ ଡିଗ୍ରୀ ପାର କରିବ । ଫଳରେ ପ୍ରବଳ ଖରା ଓ ଗରମ ଅନୁଭୂତ ହେବ । ସେପଟେ ପାଣିପାଗ ବିଶେଷଜ୍ଞଙ୍କ ମତ ପାରାଦୀପଠାରୁ ୬୦୦ କିଲୋମିଟର ଓ ଓଡିଶା ଉପକୂଳରରୁ ୫୦୦ ସହ କିଲୋମିଟର ଦୂରରେ ରହିଛି ବାତ୍ୟା 'ମୋକା' । ବାତ୍ୟା ପ୍ରଭାବରେ ଉପକୂଳ ଓଡ଼ିଶାରେ ବର୍ଷା ସମ୍ଭାବନା ଥିବାବେଳେ ପବନର ବେଗ ଘଟା ପ୍ରତି ୩୦-୪୦ କିଲୋମଟର ରହିବ । ଏଥିସହ ୧୪ଯାଏଁ ମତ୍ସ୍ୟଜୀବୀ ସତର୍କ ରହିବା ଜରୁରୀ । ଅନ୍ୟପଟେ ୧୫ରୁ ହିଟ୍ ୱେଭର ପ୍ରଭାବ ରାଜ୍ୟବାସୀଙ୍କୁ କଲବଲ କରିବ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି।

ଯଦିଓ ଓଡ଼ିଶାର ଉପରେ ସାଇକ୍ଲୋନ୍ ପ୍ରଭାବ ବିଶେଷ ନାହିଁ ତଥାପି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶା ସଚେତନ ରହିବା ଜରୁରୀ । ସେପଟେ ୧୫ରୁ ପୁଣି ଅସହ୍ୟ ହେବ ତାତି ।

## ମେ ୨୬ରେ ରିଲଜ...

ଲୁପ୍ତପ୍ରାୟ ସଂସ୍କୃତି ଓ ଲୋକସଂସ୍କୃତିକୁ ନେଇ ଏହି ଚଳଚ୍ଚିତ୍ର ରେ ପଶ୍ଚିମ ଓଡିଶାର ଜନଜୀବନକୁ ଚଳଚ୍ଚିତ୍ରଚ୍ଚିରେ ପ୍ରଦର୍ଶିତ କରାଯାଇଥିବା ବେଳେ ସଙ୍ଗୀତ ଗୁଡିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇଛି । ସ୍ୱର୍ଗତଃ ଅଟଳ ବିହାରୀ ପଣ୍ଡା, ଚନ୍ଦନା ସିଂହ, ଲୋଚନି ବାଗ ବିନ୍ଦୁ, ବୈରାଗୀ,ନେତ୍ରାନନ୍ଦ,ଜିତ୍,ମଣ୍ଟୁ ମହାପାତ୍ର ପ୍ରମୁଖ ଅଭିନୟ କରିଥିଲେ। ଦୁଇଟି ଗାଁ ଯେଉଁମାନେ ଏକଦା ମହାନ ପଡ଼ୋଶୀ ଏବଂ ବନ୍ଧୁ ଥିଲେ ସେମାନେ ଏକ ବିବାହ ଶୋଭାଯାତ୍ରାରେ ଦୁର୍ଭାଗ୍ୟଜନକ ଝଗଡା ହେତୁ ତିକ୍ତ ଶତ୍ରୁ ହୋଇଗଲେ । ପାର୍ଶ୍ୱ ଗାଁରୁ ବରଙ୍କ ପକ୍ଷରୁ ଆସିଥିବା ଅସାଧୁ ଆଚରଣକୁ ସହ୍ୟ କରିପାରି ନଥିଲା ଗୋଟେ ଗାଁ ଏବଂ ସେମାନଙ୍କ ମଧ୍ୟରେ ଏକ ବଡ ଗଣ୍ଡଗୋଳ ହୋଇଥିଲା । ଏହି ବିବାହ କୌଣସି ପ୍ରକାରେ ସମ୍ପୃକ୍ତ ଗାଁ ମୁଖିଆଙ୍କ ଦ୍ୱାରା ସମ୍ପନ୍ନ ହୁଏ କିନ୍ତୁ ଏହି ଦୁଇ ପଡୋଶୀ ଗାଁର ଲୋକମାନେ ସବୁଦିନ ପାଇଁ ଶତ୍ରୁ ହୋଇଯାନ୍ତି ଏବଂ କେବେ ବି କାହା ରାସ୍ତା ଅତିକ୍ରମ କରିବେ ନାହିଁ ବୋଲି ଶପଥ ନିଅନ୍ତି । ହେଲେ ଉତ୍ତେଜନା ଏବଂ ଘୃଣା ମଧ୍ୟରେ ଦୁଇ ଗାଁ ମଧ୍ୟରେ ଏକ ନିରୀହ ପ୍ରେମ କାହାଣୀ ଫୁଟିଛି । ହେଲେ ସଫଳ ହେଇଛି କି ପ୍ରେମ ନା ଆହୁରି ତିକ୍ତ ହୋଇଛି ଶତ୍ରୁତା ତାହା ଜାଣିବେ କାହାଣୀ ଶେଷରେ । ପୂର୍ବରୁ ୧୫ ଟି ଭାରତୀୟ ଭାଷାରେ ଶ୍ରୀଜଗନ୍ନାଥ ନାମକ ଚଳଚ୍ଚିତ୍ର ନିର୍ମାଣ କରି ଏକ ଅନନ୍ୟ ରେକର୍ଡ କରିଥିବା ସବ୍ୟସାଚୀ ମହାପାତ୍ରଙ୍କ ବାପା ସ୍ୱର୍ଗତଃ କପିଳେଶ୍ୱର ମହାପାତ୍ର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ନିଜେ ସବ୍ୟସାଚୀ ମହାପାତ୍ର। ଚଳଚ୍ଚିତ୍ର ର ସଙ୍ଗୀତ ବିତରଣ ଦାୟିତ୍ୱ ଆମରା ମ୍ୟୁଜିକ ନେଇଥିବା ବେଳେ କେବଳ ଆମରା ମ୍ୟୁଜିକ ୟୁଟୁବ୍ ଚ୍ୟାନେଲ୍ ରେ ଗୀତଗୁଡିକ ଦର୍ଶକମାନେ ଦେଖି ପାରିବେ ବୋଲି ଚଳଚ୍ଚିତ୍ରର କ୍ରିଏଟିଭ୍ ହେଡ୍ ଓ ମିଡିଆ ପ୍ଲାନର ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।

## ମାଓ ଅଧ୍ୟୁଷିତ ଅଞ୍ଚଳରେ ...

ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ଆସି ମାଓ ସମସ୍ୟା ନେଇ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ବିଏସଏଫ ଆଇଜି ଦୀନେଶ ଶର୍ମା, କନ୍ଧମାଳ ଏସପି ଶୁଭେନ୍ଦୁ କୁମାର ପାତ୍ର, ଏସ୍ଡିପିଓ ସୁପ୍ରସନ୍ନ ମଲିକଙ୍କ ସମେତ ଆଣ୍ଟିନକ୍ସଲ ସେଲ ଅଧିକାରୀ ଉପସ୍ଥିତ ଥିଲେ। ଡିଜିପିଙ୍କ ସହ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ସିଆରପିଏଫ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏକକାଳୀନ ୩ ଟି ...

ଚଳିତ ବର୍ଷ ୧୯୦୨ ମିଲିୟନ ମେଟ୍ରିକ ଟନ୍ ଅଧିକ କାର୍ଗୋ ହ୍ୟାଣ୍ଡଲିଙ୍ଗ କରିବାରେ ପାରାଦୀପ ବନ୍ଦର ରେକର୍ଡ ସୃଷ୍ଟି କରିଥିବା ବେଳେ ସେଥିପାଇଁ ମଧ ପାରାଦୀପ ବନ୍ଦର କୁ ଦ୍ୱିତୀୟ ସମ୍ମାନିତ କରାଯାଇଛି। ଅନ୍ୟପଟେ ଗୋଟିଏ ଦିନରେ ବର୍ଥ ମଧ୍ୟରେ ଗୋଟିଏ ଜାହାଜରେ ସର୍ବାଧିକ ପଣ୍ୟ କାରବାର କରିବା ଯୋଗୁ ପାରାଦୀପ ପୋର୍ଟକୁ ପୁରଷ୍କାର ମିଳିଛି। ପୂର୍ବ ବର୍ଷ ୨୭ ହଜାର ମେଟ୍ରିକ ଟନ ପଣ୍ୟକାରବାର ହୋଇଥିବା ବେଳେ ଚଳିତ ବର୍ଷ ଗୋଟିଏ ଦିନରେ ଏହା ବୃଦ୍ଧି ପାଇ ହାରାହାରି ୩୧ହଜାର ମେଟ୍ରିକ ଟନରେ ପହଞ୍ଚିଛି। ଫଳରେ ପାରାଦୀପକୁ ଆଉ ଏକ ସାଗର ଶ୍ରେଷ୍ଠ ସମ୍ମାନ ହାସଲ କରିଛି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ ହାରନାଦ ସୂଚନା ଦେଇଛନ୍ତି। କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ଜଳ ମାର୍ଗ ମନ୍ତ୍ରଣାଳୟ ପାରାଦୀପ ବନ୍ଦରକୁ ଏକ କାଳୀନ ତିନୋଟି ସମ୍ମାନରେ ସମ୍ମାନିତ କରିବା ଘଟଣା ରାଜ୍ୟ ପାଇ ଗୌରବର ବିଷୟ । ସମସ୍ତଙ୍କ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଆଜି ପାରାଦୀପ ବନ୍ଦର ଏଭଳି ସମ୍ମନର ହକଦାର ହୋଇପାରିଛି ବୋଲି ବନ୍ଦର ଅଧକ୍ଷ ପ୍ରକାଶ କରିଛନ୍ତି। କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀଙ୍କ ମାର୍ଗ ଦର୍ଶନ , ବନ୍ଦର କର୍ତ୍ତୃପକ୍ଷ , ସମସ୍ତ ବନ୍ଦର ଶ୍ରମିକ , କର୍ମଚାରୀ , ବରିଷ୍ଠ ଅଧିକାରୀ , ଷ୍ଟିଭେଡୋର , ଆମଦାନୀ ରପ୍ତାନୀ ଏଜେନ୍ସି କୁ ଧନ୍ୟବାଦ ଦେଇଛନ୍ତି ବନ୍ଦର ଅଧକ୍ଷ ପି.ଏଲ ହରନାଦ।

## କୁପାରୀ ମହାବିଦ୍ୟାଳୟରେ ଅବସରକାଳିନ ସମ୍ବର୍ଦ୍ଧନା

ଖଇରା,୧୩/୫(ନିପ୍ର) ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରାମକୃଷ୍ଣ ନାୟକ,ସିଲେଇ ପ୍ରଶିକ୍ଷିକା ଶୈଳବାଳା ପଣ୍ଡା,କ୍ରିଡା ଶିକ୍ଷକ ନନ୍ଦ କିଶୋର ସାହୁଙ୍କୁ ଶୁକ୍ରବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ନବ ନିଯୁକ୍ତ ଅଧକ୍ଷ ଗଗନ ବିହାରୀ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଏହି ସେବା ନିବୃତ୍ତ ସମ୍ବର୍ଦ୍ଧନାରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ମାନେ ଯୋଗ ଦେଇ ବିଦାୟୀ ଅଧ୍ୟକ୍ଷଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ।

ରବିବାର, ମଇ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜୀବିକା ମିଶନର ନିମ୍ନମାନର ଗାଈ ଯୋଗାଣ ଅଭିଯୋଗ : ଜିଲା ପ୍ରାଣିସମ୍ପଦ ବିଭାଗର ତଦନ୍ତ ଆରମ୍ଭ

ଜଳେଶ୍ୱର ୧୩/୫ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଚମାରଗାଁ ପଂଚାୟତରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାଲାଗି ଓଡିଶା ମିଶନଶକ୍ତି (ଓଏଲଏମ୍) ମାଧ୍ୟମରେ ଗାଈ ଯୋଗାଣ ହୋଇଥିଲା । ୩୦ଜଣ ହିତାଧିକାରୀଙ୍କୁ ୧୦ଲକ୍ଷ ଟଙ୍କା ମୂଲ୍ୟ ୩୦ଟି ଗାଈ ଓ ବାଛୁରୀ ପ୍ରଦାନ କରାଯାଇଥିଲା । ନିୟମ ଅନୁସାରେ ଉନ୍ନତ ମାନର ହାଇବ୍ରିଡ ଗାଈ ଯୋଗାଣ କରିବାକୁ ଥିବା ବେଳେ ରୁଗ୍ଣ ଓ ଦେଶୀ ଗାଈ ପ୍ରଦାନ କରିଥିବା ହିତାଧିକାରୀମାନେ ଜିଲାପାଳ ଓ ବିଡିଓଙ୍କୁ ଜଣାଇଥିଲେ । ଏ ସଂପର୍କରେ ଖବର ପାଇ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ୪ଜଣିଆ ଟିମ୍ ପଂଚାୟତରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକଳ୍ପ ଅଧିକାରୀଙ୍କ ନିର୍ଦ୍ଦେଶରେ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡ. ରଞ୍ଜନ କୁମାର ଦାସ, ଡ. ସୁକେନ୍ଦୁ ରାୟ, ଡ. ଶିଶିର ଜେନା, ଡ. ଶୈଳେନ୍ଦ୍ରୀ ଗୁପ୍ତା ପ୍ରମୁଖ ହିତାଧିକାରୀ ମାନଙ୍କୁ ଭେଟି ଗାଈ ମାନଙ୍କୁ ଦେଖିବା ସହିତ ସମସ୍ତ କଥା ପଚାରି ବୁଝିଥିଲେ । ସେମାନେ ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବେ ବୋଲି ସୂଚନା ମିଳିଛି ।



## ଡ଼ଃ ସୁନାକର ବେହେରା ଭାରତୀୟ କିଷାନ ସଂଗଠନର ରାଜ୍ୟ କଂଭେନର



ପାରାଦ୍ୱୀପ , ୧୩/୦୫ (ନି.ପ୍ର): ଜଣାଶୁଣା ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଜାତୀୟସ୍ତରୀୟ ପ୍ରତିଷ୍ଠାନ ଭାରତୀୟ କିଷାନ ସଂଗଠନ ପକ୍ଷରୁ ଓଡିଶା ରାଜ୍ୟର ରାଜ୍ୟ କଂଭେନର ରୂପେ ମନୋନିତ କରଯାଇଛି । ସଂଗଠନର ଜାତୀୟ ସଭାପତି ମୋହଦ ଅର୍ସଦ ଖାନ ଏହି ଦାୟିତ୍ୱ ପ୍ରଦାନ କରିଥିଲେ। ଡ଼ଃ ବେହେରାଙ୍କୁ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ସଂଗଠନର ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ଓଡିଶା ସାମ୍ବାଦିକ ସଙ୍ଘ ସଭାପତି ଥିବାବେଳେ ଭାରତ ସରକାରଙ୍କ ନୀତିଆୟୋଗ ଅଧିନ ଆଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସହିତ ଜାତୀୟ ମୁଖପାତ୍ର ଅଛନ୍ତି ଏବଂ ଜାତୀୟ ସ୍ତରୀୟ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେସନର ଓଡିଶା ରାଜ୍ୟ ଅଧକ୍ଷ ଭାବେ କାର୍ଯ୍ୟନିର୍ବାହ ସହ ଆନ୍ତରାଷ୍ଟ୍ରୀୟ ମାନବାଧିକାର ରାଷ୍ଟ୍ରଦୂତ ସଂଗଠନର ଜାତୀୟ ଉପସଭାପତି ଓ ଆନ୍ତର୍ଜାତିକ ମାନବାଧିକାର ପରିଷଦର ଓଡିଶା ରାଜ୍ୟ ଯୁଗ୍ମ ସମ୍ପାଦକ ଥିବାବେଳେ ଏହି ନିକଟରେ ମାନନୀୟା ଜଗତସିଂହପୁର ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟାୱାରୀଙ୍କର ସୁପାରିଶ ଦ୍ୱାରା କୁଜଙ୍ଗ ବ୍ଲକ ସବଡ଼ିଭିଜିନାଲ ଭିଜିଲାନ୍ସ କମିଟିର ସଦସ୍ୟ ରୂପେ ମନୋନୀତ ହୋଇଅଛନ୍ତି ଏବଂ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଶାରଳା ମହାବିଦ୍ୟାଳୟ ରାହାମା, କେନ୍ଦ୍ର ସରକାରଙ୍କ ଜବାହାର ନବୋଦୟ ବିଦ୍ୟାଳୟ, ସାଇଲୋ , ସେଣ୍ଟ ଜାଭିୟର ହାଇସ୍କୁଲ ଇତ୍ୟାଦି ଅନେକ ଶିକ୍ଷାନୁଷ୍ଠାନ ଓ ଧାର୍ମିକ ଆଧାତ୍ମିକ ସଂଗଠନ ମାନଙ୍କର ପ୍ରମୁଖ ଦାୟିତ୍ୱ ବହନ କରି ସାମାଜିକ କ୍ଷେତ୍ରରେ ବହୁ ସଂମ୍ମାନର ଅଧିକାରୀ ହୋଇ ପାରିଛନ୍ତି।

# ବିବାଦୀୟ ସ୍ଥାନରେ ପାଣିଟାଙ୍କି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଜଳେଶ୍ୱର , ୧୩/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ଖୁଦିଆ ମାଝିସାହି ପଂଚାୟତ ଅଧିନ ମୁଣୁତୁଣିଆ ଗ୍ରାମରେ ୧କୋଟି ୧୨ଲକ୍ଷ ଟଙ୍କାରେ ବେଆଇନ୍ଭାବେ ନିର୍ମିତ ହେଉଥିବା ପାଣିଟାଙ୍କିକୁ କେତେକ ଗ୍ରାମବାସୀ ବିରୋଧ କରିଛନ୍ତି । ଏ ସଂପର୍କରେ ଗ୍ରାମବାସୀମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆଇନ୍‌ର ଆଶ୍ରୟ ନେବେ ବୋଲି ଚେତାବନି ଦେଇଛନ୍ତି । ଘଟଣାରୁ ପ୍ରକାଶ ପାଣିଟାଙ୍କି ନିର୍ମାଣ ହେଉଥିବା ପ୍ଲଟରେ ୨୦୧୯-୨୦ ମସିହାରେ ଏକ ଏଏନ୍ଏମ୍ ସେଣ୍ଟର ନିର୍ମାଣ ଲାଗି କାର୍ଯ୍ୟଦେଶ ହୋଇଥିଲା । ତତ୍କାଳୀନ ଆର୍ଆଇଙ୍କ ସ୍ଥାନ ଚିହ୍ନଟ ପରେ ୨୨ ଲକ୍ଷ ଟଙ୍କା ମୂଲ୍ୟର ଏଏନ୍ଏମ୍ ସେଣ୍ଟର କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମ ପର୍ଯ୍ୟାୟରେ ଆର୍ଡ଼ି ବିଭାଗ ୨ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଠିକାଦାରଙ୍କୁ ପ୍ରଦାନ କରିଥିଲା । ମାତ୍ର ସେହି ସ୍ଥାନଟି ଗ୍ରାମ୍ୟ ରାସ୍ତା କିସମ ଥିବାର ଅଭିଯୋଗ କରି ଜନୈକ ଗ୍ରାମବାସୀ କୋର୍ଟରେ ଆଶ୍ରୟ ନେଇଥିଲେ । ଫଳରେ ଅଦ୍ୟାବଧି ସେଠାରେ ଏଏନ୍ଏମ୍ ସେଣ୍ଟର ନିର୍ମାଣ ହୋଇ ପାରିନାହିଁ । କିନ୍ତୁ ୨୦୨୧-୨୨ ମସିହାରେ ସମାନ କିସମ ଓ ସମାନ ପ୍ଲଟ ଓ ଖାତା ନଂ ଥାଇ ଉକ୍ତ ସ୍ଥାନରେ ପାଣିଟାଙ୍କି ନିର୍ମାଣକୁ କେତେକ ଗ୍ରାମବାସୀ ବିରୋଧ କରିଛନ୍ତି । ସୂଚନାଯୋଗ୍ୟ ଏଏନ୍ଏମ୍ ସେଣ୍ଟର ନିର୍ମାଣ ହେଉଥିବା ସ୍ଥାନଠାରୁ ମାତ୍ର ୧୦ ମିଟର ଦୂରରେ ପାଣିଟାଙ୍କି ନିର୍ମାଣ ଚାଲିଛି । ବିବାଦୀୟ ସ୍ଥାନରେ ପାଣିଟାଙ୍କି ନିର୍ମାଣକୁ ବ୍ରଜ ମହାନ୍ତି, ଚନ୍ଦ୍ରକାନ୍ତ ଘୋଷ, ରାଜକୁମାର ମିଶ୍ର, ସତ୍ୟରଂଜନ ଦାସ, ଶିଶିର ପ୍ରଧାନ ପ୍ରଧାନ ପ୍ରମୁଖ ବହୁ ଗ୍ରାମବାସୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆଇନ୍‌ର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି ।



## ଉଠିବ ବିଦ୍ୟୁତ ଖୁଣ୍ଟ: ହଟିବ ରାସ୍ତା ସମସ୍ୟା

ଖଇରା, ୧୩/୦୫ (ନି.ପ୍ର): ବାଲେଶ୍ୱର ଓ ଭଦ୍ରକ ଜିଲା କୁ ସଂଯୋଗ କରୁଥିବା ମହତୀପୁର-ଚରମ୍ପା ଭାୟା ବାରାପୁର ରାସ୍ତା ନିର୍ମାଣ ରେ ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫରମର ବାଧକ ସାଜିଛି । ବିଦ୍ୟୁତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ୭ମାସ ଧରି ଖୁଣ୍ଟଉଠାଯାଇପାରୁନାହିଁ । ସ୍ଥାନାନ୍ତର ସମ୍ବନ୍ଧୀୟ ଖର୍ଚ୍ଚ ପୈଠ ସଂକ୍ରାନ୍ତୀୟ ଫାଇଲ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପଡିରହିଥିଲା । ଉକ୍ତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ତତ୍ପରତା ଦେଖାଇଛି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ତରଫରୁ ଫଣ୍ଡ ରିଲିଜ ପାଇଁ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରାଯିବା ପରେ ରାସ୍ତା ନିର୍ମାଣ ପାଇଁ ପଥ ପରିଷ୍କାର ହୋଇ ଯାଇଛି । ଉକ୍ତ ରାସ୍ତା ପାଇଁ ପାଖାପାଖି ୧୧କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରାସ୍ତାର ଗଗନଧୁଳି ନିକଟରେ ରାସ୍ତା ଉପରେ ଟ୍ରାନ୍ସଫରମର ତଥା ଅନ୍ୟାନ୍ୟ ସ୍ଥାନରେ ୨୫ଟି ବିଦ୍ୟୁତ ରହିବା କାରଣରୁ ରାସ୍ତା ପ୍ରଶସ୍ତିକରଣରେ ଅନ୍ତରାୟ ହୋଇ ପଡିଥିଲା । ସ୍ଥାନାନ୍ତର ପାଇଁ ୩୪ଲକ୍ଷ ଟଙ୍କାର ଏଷ୍ଟିମେଟ ଟାଟା ପାୱାର ତରଫରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯାଇଥିଲା । ଏହା ମୁଖ୍ୟଯନ୍ତ୍ରୀଙ୍କ ଅନୁମୋଦନ ଅପେକ୍ଷାରେ ମାସ ମାସ ଗଡି ଚାଲିଥିଲା । ଦୈନିକ ଧରିତ୍ରୀ ରେ ଉକ୍ତ ସମସ୍ୟା ସମ୍ପର୍କରେ ପ୍ରକାଶ ପାଇବା ପରେ ୮ତାରିଖରେ ଉକ୍ତ ଫଣ୍ଡ ରଲିଜ ପାଇଁ ଚିଠି (୧୩୯୨୧) ପହଞ୍ଚିବା ପରେ ଅନିଶ୍ଚିତତା ଦୁର ହୋଇଛି । ତୁରନ୍ତ ବିଦ୍ୟୁତ ବିଭାଗ ଏହା ଉପରେ ପଦକ୍ଷେପ କରି ବର୍ଷା ଋତୁ ଆରମ୍ଭ ପୁର୍ବରୁ ସ୍ଥାନାନ୍ତର କରିବାକୁ ଅରଖପୁର, ମୁସ୍ତଫାବାଦ, ସିଂହପୁର, ବାରାପୁର ଇତ୍ୟାଦି ଗ୍ରାମର ବାସିନ୍ଦା ଦାବୀ କରିଛନ୍ତି ।

## ଝାରସୁଗୁଡ଼ା ଉପନିର୍ବାଚନରେ କଂଗ୍ରେସର ଅମାନତ ଉଡିଲା

ଭୁବନେଶ୍ୱର, ୧୩/୦୫ (ନି.ପ୍ର): ଝାରସୁଗୁଡା ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦୀପାଳୀ ଦାସଙ୍କ ବିପୁଳ ବିଜୟ ହୋଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ତାଙ୍କର ଅମାନତ ରଖି ପାରି ନାହାନ୍ତି । କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେଙ୍କୁ ମାତ୍ର ୪,୪୯୬ ଖଣ୍ଡ ଭୋଟ ମିଳିଛି । ଗତ ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମହେନ୍ଦ୍ର ନାୟକ ମୋଟ୍ ୧୮, ୮୨୩ ଭୋଟ୍ ପାଇଥିଲେ।

## ମହୋତ୍ସବ ଦେଖାଇ ନନେବା ହେଲା କାଳ : ସ୍ତ୍ରୀର ଗରମ ପାଣି ଛାଟରେ ସ୍ୱାମୀ ଗୁରୁତର

### ମେଡିକାଲରେ ଭର୍ତ୍ତି: ଥାନାରେ ଅଭିଯୋଗ

ନୀଳଗିରି, ୧୩/୦୫ (ନି.ପ୍ର): ନୀଳଗିରି ଥାନା ଜଗନ୍ନାଥପୁର ଗ୍ରାମରେ ଅଭାବନୀୟ ଘଟଣା ।ସ୍ତ୍ରୀକୁ ନୀଳଗିରିରେ ଚାଲିଥିବା ସ୍ୱର୍ଣ୍ଣଚୂଡ଼ ମୋହସବ ବୁଲାଇ ନନେବାରୁ ରାଗରେ ଚୁଲିରେ ଫୁଟୁଥିବା ଗରମ ପାଣି ଛାଟରେ ସ୍ୱାମୀ ଗୁରୁତର। ଗ୍ରାମର ଗଣେଶ ସିଂ ଙ୍କ ସ୍ତ୍ରୀ ସୁଲଚନା ସିଂ ଗତ ରବିବାର ନୀଳଗିରିରେ ଅନୁଷ୍ଠିତ ସ୍ୱର୍ଣ୍ଣଚୂଡ଼ ଯୁବ ମୋହସବ ର ଶେଷ ସନ୍ଧ୍ୟାରେ ବଲିଉଡ ସିଙ୍ଗର ତଥା ଯୁବ କଣ୍ଠଶିଳ୍ପୀ ସଲମନ ଅଲ୍ଲୀଙ୍କ ପ୍ରୋଗ୍ରାମ ଦେଖିବାକୁ ଜିଦି ଧରିଥିଲେ। ହେଲେ ସ୍ୱାମୀ ବୁଲାଇ ନଆଣିବାରୁ ସ୍ତ୍ରୀ ରାଗିଯାଇ ଚୁଲିରେ ବସିଥିବା କଡ଼ାରୁ ଗରମପାଣି ଆଣି ସ୍ୱାମୀଙ୍କ ଉପରକୁ ଛାଟିଦେଇଥିଲେ। ପରେ ସ୍ୱାମୀ ଗୁରୁତର ହୋଇପଡି ମେଡିକାଲରେ ସପ୍ତାହ ଧରି ଚିକିତ୍ସା ହେଉଥିବା ବେଳେ ସ୍ତ୍ରୀ ମେଡିକାଲ ଆସିବାତ ଦୂରର କଥା ଅନୁତପ୍ତ ମଧ୍ୟ କରିନଥିଲେ । ବରଂ ଶନିବାର ମେଡିକାଲ ଆସି ପୁଣି ଧମକ ଚମକ ବି ଦେଇଛନ୍ତି ।ଏହାପରେ ସ୍ୱାମୀ ଆଜି ନୀଳଗିରି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି ।



## ରବିବାର କୋଲକତା ଆସୁଛନ୍ତି ମରିଶସର ରାଷ୍ଟ୍ରପତି ପୃଥ୍ୱୀରାଜ ସିଂହ ରୁପନ

କୋଲକତା ,୧୩/୦୫ : ମରିଶସର ରାଷ୍ଟ୍ରପତି ପୃଥ୍ୱୀରାଜ ସିଂହ ରୁପନ ତାଙ୍କ ଧର୍ମପତ୍ନୀ ସହିତ ରବିବାର ଦିନ କୋଲକତା ଆସୁଛନ୍ତି । ତାଙ୍କର କୋଲକତା ଆସିବା ଅବସରରେ ସେ ପ୍ରସିଦ୍ଧ ଧାର୍ମିକ ସ୍ଥଳ ଦକ୍ଷିଣେଶ୍ୱର ମନ୍ଦିର ଏବଂ ବେଲୁର ମଠ ଯିବେ । ଏହି ସହିତ ସେ କୋଲକତା ପୋର୍ଟ ବନ୍ଦରରେ ମଜଦୁର ମାନଙ୍କ ଗୋଟିଏ ସ୍ମାରକକୁ ମଧ୍ୟ ଯିବେ । ଏହି ସମାରୋହରେ ଡା ସ୍ୱପ୍ନ ଦାସଗୁପ୍ତା , ବିହାରର ପୂର୍ବତନ ଡେପୁଟି ମେୟର ସୁଶୀଳ ମୋଦୀ ପ୍ରମୁଖ ପୃଥିରାସ ସିଂହ ରୁପନଙ୍କ ସମ୍ମାନାର୍ଥେ ସେଠାରେ ରାତ୍ରୀ ଭୋଜନ କରିବେ ।

# ଓବିସି ଜାତିଭିତ୍ତିକ ଜନଗଣନାରେ ସୁଧାର ପାଇଁ ରାଜ୍ୟପାଳଙ୍କୁ ଦାବିପତ୍ର

ବାରିପଦା, ୧୩/୦୫ (ନି.ପ୍ର): ଓଡିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ ରହୁଥିବା ଓବିସି ମାନଙ୍କର ଜାତିଭିତ୍ତିକ ସର୍ଭେ ଚଳିତ ୧ରୁ ୨୭ ମଇ ପର୍ଯ୍ୟନ୍ତ ଅଙ୍ଗନୱାଡି କର୍ମଚାରୀଙ୍କ ଦ୍ୱାରା ଗୋଟିଏ ସ୍ଥାନରେ ରହି କରାଯାଉଅଛି। ତେବେ ବହୁ ଲୋକ ନିଜେ ଓବିସି ବୋଲି ଜାଣି ନଥିବା ବେଳେ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ସେମାନଙ୍କର ଜାତିଭିତ୍ତିକ ସର୍ଭେ କେମିତି କରାଇବେ ବୋଲି ପ୍ରଶ୍ନ କରି ଘର କୁ ଘର ବୁଲି ଓବିସିଙ୍କ ଜାତିଭିତ୍ତିକ ସର୍ଭେ କରିବା ଦାବିନେଇ ଆଜି ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ ମାଧମରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି. ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ଶାଖାର ସଂଯୋଜକ ଅର୍ଜୁନ ମହାନ୍ତଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଭାଦୁରାମ ସୋରେନ, ସୁକ୍ରକାନ୍ତ ଦଳବେହେରା, ପ୍ରଦୀପ ବାସ୍କେ, ନରେନ୍ଦ୍ର ମହାନ୍ତ, ବୁଦ୍ଧେଶ୍ୱର ମହାନ୍ତ, ପିରଜ ମହାନ୍ତ, ସେନାପତି ମହାନ୍ତ, ପ୍ରମୁଖ ଦାବିପତ୍ର ପ୍ରଦାନ କରି ଥିବା ବେଳେ ଘରକୁଘର ବୁଲି ଯଦି ଏହି ଜନଗଣନା କରାନଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇ ଅଛି ।



## ଭଦ୍ରକରେ ଦ୍ୱିତୀୟ ଲୋକ ଅଦାଲତ

### ୨ କୋଟି ୪୯ ଲକ୍ଷ ୪୩ ହଜାର ଦୁଇଶହ ପାଞ୍ଚ ଟଙ୍କାରେ ୧୧୮୧ ଟି ମୋକଦ୍ଦମା ଆପୋଷ ସମାଧାନ



ଭଦ୍ରକ, ୧୩/୦୫ (ନି.ପ୍ର): ଦ୍ୱିତୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ନାୟକ ଏଥିରେ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୨୪୯୪୩୨୦୫ ଟଙ୍କାରେ ୧୧୮୧ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚାରାଧିନ ଥିବା ୨୨ ଟି ମାମଲାର ୧୫୨୮୫୦୦୦ ଟଙ୍କାରେ, ୧୩୯ ଟି ମିଳାମିଶା ଯୋଗ୍ୟ ଫୌଜଦାରି, ୨୪ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୬୯୦୫୯୭୭ ଟଙ୍କାରେ, ୩୬ ଟି ବୈବାହିକ ବିବାଦ, ୬୮୭ ଟି ରାଜସ୍ୱ ମୋକଦ୍ଦମା, ୧୩୩୪୨୮ ଟଙ୍କାରେ, ୬ଟି ଉପଭୋକ୍ତା ବିବାଦ ମାମଲା, ୬୬ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧରେ ବିଭିନ୍ନ ବ୍ୟାଙ୍କର ୧୬ଟି ବ୍ୟାଙ୍କ ଋଣ ମାମଲା ୨୪୫୧୨୯୫ ଟଙ୍କାରେ ଭାରତ ସଂଚର ନିଗମ ଲିମିଟେଡ଼ର ଟେଲିଫୋନ ବିଲ ସମ୍ବନ୍ଧୀୟ ୫ଟି ମାମଲା ୭୬୬୭ ଟଙ୍କାରେ ଆପୋଷ ବୁଝାମଣା ମାଧମରେ ସମାଧାନ କରାଯାଇଅଛି।

## ସି.ବି.ଏସ.ଇ.ଦ୍ୱାଦଶ ବିଜ୍ଞାନରେ ୯୨ ଶତକଡ଼ା ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ ନୀଳଗିରିର ବିଶ୍ୱବିଜୟିନୀ



ନୀଳଗିରି, ୧୩/୦୫ (ନି.ପ୍ର): ସି. ବି. ଏସ୍. ଇ. ଦ୍ୱାଦଶ ବିଜ୍ଞାନରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକ୍ ଅନ୍ତର୍ଗତ ଗୋଡ଼ିଶୂଳ ଗ୍ରାମର ବିଶ୍ୱବିଜୟିନୀ ସ୍ୱାଇଁ ୯୨ ଶତକଡ଼ା ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱବିଜୟିନୀ ବ୍ୟାସକବି ସାହିତ୍ୟ ସଂସଦ, ଗୋଡିଶୂଳର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ, ଯୁବ କବି ଯତିନ୍ଦ୍ର ସ୍ୱାଇଁ, ଓ ସରସ୍ୱତୀ ସ୍ୱାଇଁଙ୍କ ସୁପୁତ୍ରୀ ଅଟନ୍ତି। ସେ ବାଲେଶ୍ୱର ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍ ରେ ଅଧୟନ କରୁଥିଲେ। ଭବିଷ୍ୟତରେ ସେ ପ୍ରାଶାସନିକ ଅଧିକାରୀ ହେବେ ବୋଲି ଆଶା ରଖିଛନ୍ତି।

# ଲୋଧା ପିଲାଙ୍କୁ ଆଡ଼ଆଖି: କାଶିକୁଣ୍ଡଳା ଗ୍ରାମର ୨୦ରୁ ଅଧିକ ପିଲା ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି

ଉଦଳା, ୧୩/୦୫ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ପାଟଣାଶୀପୁର ପଂଚାୟତ ଅନ୍ତର୍ଗତ କାଶିକୁଣ୍ଡଳା ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ୪୫ରୁ ଉର୍ଦ୍ଧ ଲୋଧା ପରିବାର ବସବାସ କରିଆସୁଅଛନ୍ତି । ବିଗତ କରୋନା ସମୟରେ ବିଦ୍ୟାଳୟ ଛୁଟି ରହିବା ଫଳରେ ଉକ୍ତ ଗ୍ରାମର ପିଲାମାନେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ଏହିସବୁ ପିଲା ମାନେ ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ କେବଳ କାଶୀକୁଣ୍ଡଳା ଗ୍ରାମର ୨୦ରୁ ଅଧିକ ପିଲା ଏବେ ମଧ କୌଣସି ବିଦ୍ୟାଳୟରେ ନାମ ଲେଖାଇନଥିବାର କଥା ଗ୍ରାମବାସୀ ମାନେ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । କିନ୍ତୁ ଲୋଧା ସମ୍ପ୍ରଦାୟର କେବଳ କାଶୀ କୁଣ୍ଡଳା ଗ୍ରାମର ଏବେ ମଧ ୨୦ରୁ ଅଧିକ ଛାତ୍ର ଛାତ୍ରୀ ବିଦ୍ୟାଳୟ ବାହାରେ ଅଛନ୍ତି । ସରକାରଙ୍କର ଘୋଷଣା ଏହି ସବୁ ପିଲାଙ୍କ ପାଇଁ ପ୍ରହସନ ପାଲଟି ଯାଇଛି ।



## ଉଡ଼ି ସେକ୍ଟରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କଲା ସେନା

ବାରାମୁଲା, ୧୩/୦୫ (ନି.ପ୍ର): ବାରାମୁଲା ଜିଲ୍ଲାର ନିୟନ୍ତ୍ରଣ ରେଖା ନିକଟରେ ଉଡ଼ି ସେକ୍ଟରରେ ଶନିବାର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛନ୍ତି ସେନାର ଯବାନ ମାନେ । ବିଭାଗୀୟ ଅଧିକାରୀ ମାନେ ଏନେଇ ସୂଚନା ଦେଇ କହିଛନ୍ତି ଯେ, ସେନା ପକ୍ଷରୁ ବଣ ଜଙ୍ଗଲ ଘେରା ସମ୍ପୃକ୍ତ ଅଂଚଳରେ ତଲାସୀ ଅଭିଯାନ ଆରମ୍ଭ ହୋଇଛି । ଅଧିକାରୀ ମାନେ କହିଛନ୍ତି ଯେ, ଆତଙ୍କବାଦୀ ଓ ସେନା ମଧରେ କିଛି ସମୟ ପାଇଁ ଗୁଳି ବିନିମୟ ହୋଇଥିଲା । ଏହାପରେ ପାକିସ୍ତାନ ଦ୍ୱାରା ଘଟଣାସ୍ଥଳରେ ଏକ କ୍ୱାଡ କାପ୍ଟର ଉଡା ଯାଇଥିଲା । ଯବାନ ମାନଙ୍କ ଦ୍ୱାରା ଗୁଳି ଚଳାଯିବା ପରେ କ୍ୱାଡ କାପ୍ଟରକୁ ପୁଣି ଫେରାଇ ନେଇଥିଲା ପାକିସ୍ତାନ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo